## ସଂକ୍ଷେପରେ

### ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ୨ ଆହତ

**ଧର୍ମଶାଳା, ୧୯ । ୧ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥ ଜାରକା ନିକଟସ୍ଥ କିୟୁ ବଜାରଠାରେ ରବିବାର ଭୋର୍ ସମୟରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଛି । ପଶ୍ଚିମବଙ୍ଗରୁ କଟକକୁ ଗୋ ଖାଦ୍ୟ ନେଇ ଯାଉଥିବା ଉକ୍ତ ଟ୍ରକ(ଡ଼ବ୍ଲ୍ୟୁବି ୨୩ ଏଫ୍ ୭୩୨୭) ରାସ୍ତା ମଝିରେ ଥିବା କଲର୍ଭଟରେ ପିଟି ହୋଇ ଓଲଟି ପଡ଼ିଥିଲା । ଗାଡ଼ିରେ ଥିବା ଡ୍ରାଇଭର ଓ ହେଲପର୍ ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।


ଦୁର୍ଘଟଣାଗ୍ରସ୍ତ ଟ୍ରକ୍

# ଏନ୍‌ସିସି ଦଶରଥପୁର ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

### ରବି ନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଝୁମ୍ପୁରୀ, ୧୯।୧ (ସରୋଜ ନାୟକ)**

ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତର କୁଆଁରପୁର ପଠାରେ ଚାଲିଥିବା ରବି ନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ଏନ୍‌ସିସି ଦଶରଥପୁର ଭଦ୍ରକ ଶାଳନ୍ଦୀ କ୍ରିକେଟ କ୍ଲବ୍‌କୁ ୩ ଉଇକେଟରେ ହରାଇ ବିଜୟୀ ହୋଇଛି । ପ୍ରଥମେ ଟସ୍ ଜିତି ଶାଳନ୍ଦୀ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୫ କରିଥିଲା । ଏହାର ଜବାବ୍‌ରେ ଏନ୍‌ସିସି ଦଶରଥପୁର ୧୮ ଓଭରରେ ୭ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା । ଏହାପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅନ୍ୟତନ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ । ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ଜୟନ୍ତକୁମାର ନାୟକ, ଅଜୟ କୁମାର ମହାନ୍ତି, ଅଜିତ କୁମାର ସାମଲ, ପ୍ରଭୁ କୃଷ ମହାନ୍ତି, ପଞ୍ଚାନନ ବେହେରା, ସଂଗ୍ରାମ କେଶରୀ ନାୟକ, ପଦ୍ମଲାଭ ପଣ୍ଡା ଯୋଗ ଦେଇ ବିଜୟୀ ଦଳ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଦଶରଥପୁର ଟିମ୍‌ର ରଶ୍ମି ରଞ୍ଜନ ଓଝା ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ଭଦ୍ରକ ଟିମ୍‌ର ଅମୀର ଖାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଖେଳକୁ ତପନ ଜେନା, ମନୋରଞ୍ଜନ ଦାସ ପରିଚାଳନା କରିଥିଲେ ।

# ଆରୋଗ୍ୟ ପ୍ଲସ୍ ସେବା ୟୁନିଟ୍ ଉଦ୍‌ଘାଟିତ


ଆରୋଗ୍ୟ ପ୍ଲସ୍‌ର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଅନ୍ୟମାନେ ।

**କାଳିଆପାଣି, ୧୯।୧ (ଅସିତ ମହାନ୍ତ)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ଅପରାହ୍ନରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ 'ଆରୋଗ୍ୟ ପ୍ଲସ' ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ପ୍ରକାଶ ଚନ୍ଦ୍ର ବଳ , ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଜୟଦେବ ନନ୍ଦ, କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ର ଡ.ପ୍ରଦୀପ କୁମାର ରାଉତରାୟ , ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ବନବିହାରୀ ମିଶ୍ର, ପିପିଏମ୍ ସଂଯୋଜକ ମାନସ ସାମଲ ପ୍ରମୁଖ ଯୋଗଦେଇଥିଲେ । ଆଦିବାସୀ ବହୁଳ କଂସ , ଚିଙ୍ଗୁଡ଼ିପାଳ , ରାଂସୋଳ ଆଦି ପଞ୍ଚାୟତର ୪୪ ଗ୍ରାମର ଅନଗ୍ରସର ଆଦିବାସୀ ବର୍ଗ ( ପିଭିଟିଜି ) ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ମେଡିକାଲ ଟିମ ଓ ଔଷଧ ସହ ଉକ୍ତ ଆମ୍ବୁଲାନ୍ସ ପହଞ୍ଚି ବିଶେଷ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଉକ୍ତ ଆମ୍ବୁଲାନ୍ସ ଜିଲାରେ ପ୍ରଥମେ ଏହି ଅଞ୍ଚଳରେ ଉପଲବ୍ଧ କରାଯାଇଥିବା ସାମାଜିକ ସଙ୍ଗଠନ ଏନ୍‌ଆଇଏସ୍‌ଡବ୍ଲ୍ୟୁର ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ସୂଚନା ଦେଇଥିଲେ । ଏନ୍‌ଆଇଏସ୍‌ଡବ୍ଲ୍ୟୁର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଶା କର୍ମୀ ଓ ସ୍ଥାନୀୟ ନେତୃମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଖୋର୍ଦ୍ଧା ରେଲ୍‌ୱେ ଟିମ୍ ଚାମ୍ପିୟନ

### ଯଯାତି କେଶରୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

**ବରୀ, ୧୯।୧ (ମହେନ୍ଦ୍ର ସ୍ୱାଇଁ)**

ଯାଜପୁର ଜିଲା ବରୀ ବ୍ଲକ ସାହୁପଡା ଧାରପୁରସ୍ଥିତ କଚେରୀ ପଠାରେ ରାଜ୍ୟସ୍ତରୀୟ ଏକଦିବସୀୟ ଯଯାତି କେଶରୀ ଜେନା ସ୍ମାରକୀ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଧାରପୁରର ସଞ୍ଜୀବ ସେନା ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୪ ପ୍ରମୁଖ ଦଳ କିଟ୍ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର, କେଏସଆର ସର୍ଭିସ ପାରାଦୀପ, ଏପି ସିକ୍ସସର ବାଲେଶ୍ୱର ଓ ଖୋର୍ଦ୍ଧା ରେଳବାଇ ଟିମ୍ ଅଂଶ ଗ୍ରହଣ କରିଥିଲେ ।ଫାଇନାଲ ମ୍ୟାଚ କିଟ୍ ଭୁବନେଶ୍ୱର ଓ ଖୋର୍ଦ୍ଧା ରେଳବାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଖୋର୍ଦ୍ଧା ରେଳବାଇ ବିଜୟୀ ହେଇଥିଲା । ମୁଖ୍ୟ ଅତିଥି ଭାବେ ବରୀ ବିଡ଼ିଓ ମହେଶ୍ୱର ସେଠୀ, ସମ୍ମାନିତ ଅତିଥି ଭାବେ ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଭାଗ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଶିଶୁ ସାହିତ୍ୟିକ ଡ.ଅଜୟ କୁମାର ଜେନା, ପୂର୍ବତନ ଭଲି ଖେଳାଳି ବ୍ରଜ କିଶୋର ପାଣି, ଲକ୍ଷ୍ମୀଧର ଦାସ, ହୁମାୟୁନ ଖାନ, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ଜେନା, ଗୀତିକାର ଦିଲୀପ କୁମାର ଜେନା, ଅଭୟ ଶତପଥୀଙ୍କୁ ପୁଷ୍ପ ଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯକ୍ରମର ମଧ୍ୟ ଭାଗରେ ଜିଲା ଭାଜପା ସଭାପତି ଗୌତମ ରାୟ, ପୂର୍ବତନ ସଭାପତି ଆଶୁତୋଷ ପରିଡା, ବରୀ ଭାଜପା ନେତା ଉମେଶ ଜେନା ପ୍ରମୁଖ ସାମିଲ ହୋଇଥିଲେ । ସଞ୍ଜୀବ ସେନାର ସଭାପତି ଦେବେନ୍ଦ୍ର ନାଥ ଜେନା, ପୂର୍ବତନ ସମବାୟ ସମିତି ସଭାପତି ସରୋଜ ଜେନା, ଗୁରୁ ଚରଣ ଦାସ, ବିବେକାନନ୍ଦ ଜେନା, ସଚ୍ଚିଦାନନ୍ଦ ଜେନା, ଗୀରିନ୍ଦ୍ର ପତି, ଅଭିରାମ ଦାସ, ପ୍ରଦୀପ୍ତ ରାଜ, ନରେନ୍ଦ୍ର ସାହୁ, ନିର୍ମଳ ବାରିକ, ଅଜୟ ଧଳ, ଅଶୋକ ପଣ୍ଡା, ଗୋପୀନାଥ ମଳିକ, ମାନସ ଜେନା, କମଳାକାନ୍ତ ଶାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସ୍ଥାନୀୟ ସରସ୍ୱତୀ ବାବା ଶିଶୁ ବିଦ୍ୟାମନ୍ଦିରର କୁନି କୁନି ପିଲାମାନେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ବ୍ଲକ ପୁନର୍ଗଠନ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

**ଜେନାପୁର, ୧୯।୧ (ଅଶୋକ ଦାସ)**

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜେନାପୁର ଡାକବଙ୍ଗଳାରେ ୧୧ ଓ ୧୨ ନମ୍ବର ଜୋନ୍‌ର ବିଭିନ୍ନ ପଞ୍ଚାୟତକୁ ନେଇ ବ୍ଲକ୍ ଗଠନ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ବ୍ଲକ ପୁନର୍ଗଠନ ପ୍ରକ୍ରିୟାକୁ ସକ୍ରିୟ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜେନାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଜନସାଧାରଣଙ୍କ ସୁବିଧା ପାଇଁ ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଅଞ୍ଚଳରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଦାବି ଜଣାଇବା ପାଇଁ ଆଲୋଚନା ହୋଇଥିଲା । ୨୦୧୨ର ଏକ ଜନସ୍ୱାର୍ଥ ମାମଲାର ବିଚାର କରି କୋର୍ଟ ଜେନାପୁରଠାରେ ବ୍ଲକ ପ୍ରତିଷ୍ଠା ପାଇଁ ରହିଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏହାବାଦ୍ ଜେନାପୁର ବିଭିନ୍ନ ପଞ୍ଚାୟତ ପାଇଁ ଯାତାୟତ ଦୃଷ୍ଟିରୁ ଏକ ସୁବିଧାଜନକ ଜାଗା ହୋଇ ଥିବାରୁ ଏବଂ ଭିତ୍ତିଭୂମି, ଐତିହାସିକ, ସାମାଜିକ, ସାଂସ୍କୃତିକ ଦୃଷ୍ଟିରୁ ଏକ ଅନୁକୂଳ ସ୍ଥାନ ହୋଇଥିବାରୁ ଏହି ସ୍ଥାନରେ ବ୍ଲକ ଗଠନ ହେଲେ ସମସ୍ତ ଜନସାଧାରଣଙ୍କ ପାଇଁ ସୁବିଧା ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ବିଭିନ୍ନ କମିଟି ଗଠନ ହୋଇ ବିଭିନ୍ନ ଅଧିକାରୀଙ୍କୁ ପତ୍ର ଲେଖି ଏହି ଯଥାର୍ଥ ଦାବି ବିଷୟରେ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ବୃଦ୍ଧିଜୀବୀ ଉପସ୍ଥିତ ଥିଲେ

# ବିଶାଳ, ଲୋକନାଥଙ୍କୁ ରଗବୀ ମହିଳା ଫୁଟବଲ୍ ରେଫରି ଦାୟିତ୍ୱ

**ଦଶରଥପୁର, ୧୯।୧ (ସୁଶାନ୍ତ କୁମାର ବେହୁରିଆ)**



ରବିବାରଠାରୁ କିସ୍‌ଠାରେ ଆୟୋଜିତ ହେଉଥିବା ଜାତୀୟ ମହିଳା ବିଶ୍ୱବିଦ୍ୟାଳୟ ରଗବୀ ଚମ୍ପିୟାନସିପ୍‌ରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ହଲୁଆ ପାଟଣା ଗ୍ରାମର ଲୋକନାଥ ସାହୁ ଓ ଦଶରଥପୁରର ବିଶାଲ ଚୌଧୁରୀ ରେଫରି ଭାବେ ମନୋନୀତ ହୋଇଛନ୍ତି । ରଗବି ଇଣ୍ଡିଆ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ଯାଜପୁର ଜିଲା ରଗବୀ ଆସୋସିଏଶନର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭାରତ ସାହୁ ଉଭୟ ବିଶାଲ, ଲୋକନାଥଙ୍କ ସମେତ ରଗବୀ ଇଣ୍ଡିଆ ଓ ଓଡ଼ିଶା ରଗବୀ ଆସୋସିଏଶନକୁ ଶୁଭେଚ୍ଛା ଜଣାଇଛନ୍ତି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସମ୍ମିଳନୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆର୍‌ଏସ୍‌ଏସ୍ କର୍ମକର୍ତ୍ତା ।

**ଯାଜପୁର ଟାଉନ, ୧୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରବିବାର ଯାଜପୁର ପୂର୍ବ ଓଡ଼ିଶା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡ.ଦିବ୍ୟଲୋଚନ ସିଂ ଯୋଗଦେଇ ସ୍ୱୟଂ ସେବକମାନଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ପୂର୍ବପ୍ରାନ୍ତର ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ ଯୋଗଦେଇ ସ୍ୱୟଂ ସେବକମାନଙ୍କୁ ବୌଦ୍ଧିକ ଚର୍ଚ୍ଚା କରିଥିଲେ । ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ବିଭାଗ ସଂଘ ଚାଳକ କାମପାଳ ସାହୁ, ଜିଲା ସଂଘ ଚାଳକ ବଟକୃଷ୍ଣ ଜେନା, ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଷ୍ଟ୍ରର ମର୍ଯ୍ୟାଦା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲାର ୧୦ଖଣ୍ଡ ଏବଂ ୨ଟି ନଗରରୁ ୩ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସେବକ ଯୋଗଦେଇ ପ୍ରଥମେ ନରସିଂହ ଚୌଧୁରୀ ମହାବିଦ୍ୟାଳୟରୁ ଘୋଷବାଦ୍ୟ ସହ ପଥ ସଞ୍ଚାଳନ କରି ସହର ପରିକ୍ରମା କରିବା ପରେ କୁସୁମା ନିକଟରେ ପହଞ୍ଚିଥିଲେ । ପରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବିଭିନ୍ନ ଶାରୀରିକ ପ୍ରଦର୍ଶନୀ ଏବଂ ଯୋଗାସନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଚାରକ ମନୋଜ କୁମାର ସାହୁ, ଜିଲା କାର୍ଯ୍ୟବାହ ଅମୀୟ କୁମାର ସାମଲ, ନଗର କାର୍ଯ୍ୟବାହ ଭାଗିରଥୀ ମହଲ, ପ୍ରତିକାନ୍ତ ଦାସ, ଭବାନୀ ଶଙ୍କର ନାୟକ, ଅନନ୍ତ ମହାରଣା, ବସୁବନ୍ଧୁ ଦାସ, ରଘୁନାଥ ସେନାପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ଯାଜପୁର ଟାଉନ, ୧୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ବ୍ଲକ ନାଥସାହିସ୍ଥିତ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟରେ ଛାତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବରିଷ୍ଠ ପ୍ରାଧ୍ୟାପକ ବିଜୟ କେତନ ରଥଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି । ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ବଲ୍ଲଭ ରାଉତରା ସଭାପତିତ୍ୱ କରିଥିଲେ । ଅଧ୍ୟାପକ ରତିକାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ଯାଜପୁର ଜିଲା ସଂଯୋଜକ ତଥା ବିରଜା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. ଗୌର ସୁନ୍ଦର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାମାନେ କିପରି ଆତ୍ମରକ୍ଷା ପ୍ରଶିକ୍ଷଣ ଦ୍ୱାରା ନିଜକୁ ସୁରକ୍ଷିତ ହୋଇପାରିବେ ବୁଝାଇଥିଲେ । ଉକ୍ତ ସଭାରେ ମହାବିଦ୍ୟାଳୟର ପ୍ରକ୍ତନ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଡ. ବିନୋଦ ଚନ୍ଦ୍ର ନାୟକ, ଆଠଗଡ଼ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତାପସ ରୟ, ଜ୍ଞାନଚାନ୍ଦ ଦାସ, ସାମାଜିକ କର୍ମୀ ଲଳିତ ମୋହନ ରାୟ ପ୍ରମୁଖ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ରାଜକିଶୋର ପଣ୍ଡା, ଧନଞ୍ଜୟ ମିଶ୍ର, ରମାକାନ୍ତ ନାୟକ, ନିରଞ୍ଜନ ମହାନ୍ତି, ନିତ୍ୟାନନ୍ଦ ଆଏଚ ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିରକୁ ଅଧ୍ୟାପକ ଜିତେନ୍ଦ୍ର କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଭାଗଶ୍ରୀ ମହାପାତ୍ର ଓ ରେଜିଆ ବେଗମ ପ୍ରଶିକ୍ଷଣ ଦେଇଥିଲେ । ଶେଷରେ ଅଧ୍ୟାପକ ଜିତେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼କାଏମାରେ ସୁନ୍ନି ଇଜତେମା ପର୍ବ

**କାଏମା, ୧୯।୧ (ଶିବ ପ୍ରସାଦ ମହାନ୍ତି)**


ସୁନ୍ନି ଇଜତେମା ପର୍ବରେ ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ ।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ମୁସଲମାନ ଧର୍ମାଲମ୍ବୀମାନଙ୍କ ଗୌସିଆ କମିଟି ପକ୍ଷରୁ ସୁନ୍ନି ଇଜତେମା ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ଭୋର ସମୟରୁ ଏହା ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ଧର୍ମାଲମ୍ବୀ ଯୋଗ ଦେଇଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ମୁସଲମାନ ଧର୍ମାଲମ୍ବୀମାନେ ସଭାସ୍ଥଳରେ ପହଞ୍ଚିବା ପାଇଁ କାଏମା ଗୌସିଆ କମିଟି ପକ୍ଷରୁ ଜାରକା, ଶାନ୍ତି ବଜାର ଆଦି ବିଭିନ୍ନ ଛକରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ । ଆୟୋଜିତ ସଭାରେ ଅତିଥି ଭାବେ ଉତ୍ତର ପ୍ରଦେଶରୁ ମୁଫିତ୍ ସେହଜାଦ, ମହାରାଷ୍ଟ୍ରରୁ ସୟଦ ଅବୁଦଲ ଓସି, କୋଲକାତାରୁ ମୋଲାନକାରି ନେସାର ଓ ଶାନାୱାଜ ହସାନ ପ୍ରମୁଖ ଯୋଗଦେଇ ପ୍ରାର୍ଥନା, ପ୍ରବଚନ ଓ ଆଧ୍ୟାତ୍ମିକବାଣୀ ଶୁଣାଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାରୁ ବହୁ ମୁସଲମାନ ଭାଇ ଯୋଗଦେଇଥିଲେ ।

ଅପରାହ୍ନରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି କାର୍ଯ୍ୟକ୍ରମର ଯୋଗ ଦେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ । ଏହି ସଭାକୁ ଆୟୁବ ଖାନ, ଲ୍ୟାକତ ଖାନ , ବିସାରତ ଖାନ , ମୀର୍ ଅନିସ ଉଦ୍ଦିନ, ମିର ନଇମୁଦିନ, ମିରତାଜୁ, ମିର ଆସିଫ, ସିକନ୍ଦର ଖାନଙ୍କ ସମେତ କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ମୁସଲମାନ ଧର୍ମାଲମ୍ବୀମାନେ ସହଯୋଗ କରିଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ



ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ସୃଷ୍ଟି କରାଯାଉଛି ।

**ଧର୍ମଶାଳା, ୧୯ । ୧ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ୧୬ନଂ.ଜାତୀୟ ରାଜପଥ ଜାରକାସ୍ଥିତ ଗଳିପୋଲଠାରେ ରବିବାର ବାବା ଗୋକର୍ଣ୍ଣେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଗାଡ଼ି ଚାଳକମାନଙ୍କୁ ସଚେତନତା କରାଯାଇଥିଲା । ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଚଳିତମାସ ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ରବିବାର ୟୁଥ୍ କ୍ଲବ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, କୃଷକନେତା ବସନ୍ତ ପରିଡ଼ା, ପ୍ରଶାନ୍ତ ବେହେରା, ଅରୁଣ କୁମାର ରଣା, ରାଜ କିଶୋର ବେହେରା, ଗଗନ ବିହାରୀ ରାଉତ ଯୋଗେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ବସ୍ , ଟ୍ରକ , କାର୍ ଓ ବାଇକ୍ ଆରୋହୀଙ୍କୁ ସଚେତନ କରାଇବା ସହ ସୁରକ୍ଷା ନେଇ ପ୍ରଚାର ପତ୍ର ବଣ୍ଟନ କରିଥିଲେ ।

### ସାହି ମୁରବୀଙ୍କ ପରଲୋକ

**ବ୍ରହ୍ମବରଦା, ୧୯।୧ (ଯଯାତି କେଶରୀ ବେହେରା)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଢିଅସାହି ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ତଥା ସାହି ମୁରବୀ ସୁରେନ୍ଦ୍ର ଦାସ (୭୦)ଙ୍କ ପରଲୋକ ହୋଇଯାଇଛି । ରବିବାର ସନ୍ଧ୍ୟାରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ପରଲୋକ ଖବର ପ୍ରସାରିତ ହେବା ଫଳରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଦାସ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ନାତି ନିଶିକାନ୍ତ ମୁଖାଗ୍ନି ଦେଇଥିଲେ ।

# ସରପଞ୍ଚ ଟିମ୍ ବିଜୟୀ

### ଛବିନ୍ଦ୍ର ନାୟକ ସ୍ମାରକୀ କ୍ରିକେଟ୍

**ଧର୍ମଶାଳା, ୧୯।୧ (ବଟକୃଷ୍ଣ ପରିଡ଼ା)**


ଛବିନ୍ଦ୍ର ନାୟକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରବିବାର ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳି ।

ଧର୍ମଶାଳା ବ୍ଲକ୍‌ରେ ଛବିନ୍ଦ୍ର ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ବ୍ଲକ କୋହ୍ଲାଠାରେ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚାଲିଛି । ରବିବାର ବ୍ଲକର ସରପଞ୍ଚ ଓ ସମିତିସଭ୍ୟ ଟିମ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ଟିମ୍ ୩୨ ରନ୍‌ରେ ବିଜୟ ଲାଭ କରିଛି । ପ୍ରଥମେ ସରପଞ୍ଚ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ୍ ହରାଇ ୧୬୭ରନ୍ କରିଥିଲା । ଦଳ ପକ୍ଷରୁ ରଞ୍ଜିତ୍ ବରାଳ ୧୧୫ ଓ ପ୍ରଶାନ୍ତ ଗନ୍ତାୟତ ୧୬ ରନ୍ କରିଥିଲେ । ବିପକ୍ଷ ସମିତି ସଭ୍ୟ ଏକାଦଶ ପକ୍ଷରୁ ଦୀପ୍ତି ରଞ୍ଜନ ୨ ଉଇକେଟ୍ ନେଇଥିଲେ । ଜବାବ୍‌ରେ ଧର୍ମଶାଳା ପଞ୍ଚାୟତ ସମିତି ସଭ୍ୟ ଟିମ୍ ପକ୍ଷରୁ ନିର୍ଦ୍ଧାରିତ ଓଭର୍‌ରେ ୫ ଉଇକେଟ୍ ହରାଇ ୧୩୫ ରନ୍ କରି ୩୨ ରନ୍‌ରେ ପରାସ୍ତ ହୋଇଥିଲେ । ଦଳ ପକ୍ଷରୁ ବିକାଶ ଖଟୁଆ ୪୨ ରନ୍ ଓ ଦିଲୀପ ଜେନା ୨୮ ରନ୍ କରିଥିଲେ । ବିପକ୍ଷ ସରପଞ୍ଚ ଏକାଦଶ ପକ୍ଷରୁ ସଞ୍ଜୟ ଓ ଚନ୍ଦନ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ । ଏହି ଖେଳକୁ ହରପ୍ରସାଦ ନାୟକ ଓ ସୁମନ୍ତ ନାୟକ ପରିଚାଳନା କରିଥିଲେ ବୋଲି ଟ୍ରଷ୍ଟ ସମ୍ପାଦକ ରାକେଶ କୁମାର ନାୟକ ସୂଚନା ଦେଇଛନ୍ତି ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

କୁଜଙ୍ଗ,୧୯ ।୧(ମନୋଜ ପ୍ରଧାନ)

କଟକ-ପାରାଦୀପ ରେଳପଥର ବଉଲାଙ୍ଗ ନିକଟରେ ଟ୍ରେନ ଧକ୍କାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ସାମାଗୋଳ ଗ୍ରାମର ରୋହିତ ପରିଡ଼ାଙ୍କ ପୁଅ ସଞ୍ଜିତ ପରିଡ଼ା (୩୨)। ରେଳବାଇ ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସଞ୍ଜିତ ଆତ୍ମହତ୍ୟା କରିଛନ୍ତି ନା ରେଳପଥ ଅତିକ୍ରମ କରୁଥିବା ସମୟରେ ଧକ୍କାରେ ତାଙ୍କ ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ । ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ୫ ଏକର ଜମିର ଧାନ ଜଳିଗଲା

କୁଜଙ୍ଗ, ୧୯।୧(ମନୋଜ ପ୍ରଧାନ)



■ ୩ ଚାଷୀଙ୍କ ବର୍ଷକର ଧାନ ପୋଡ଼ିଗଲା
■ ନିଆଁ ଲିଭାଇବାକୁ ଯାଇ ଜଣେ ଗୁରୁତର

ଧାନଗଦାରେ ନିଆଁ ଲାଗି ୩ ଜଣ ଚାଷୀଙ୍କ ପ୍ରାୟ ୫ ଏକର ଜମିର ଧାନ ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କା ହରାଇଛନ୍ତି ଚାଷୀ। ନିଆଁକୁ ଆୟତ୍ତ କରିବାକୁ ଯାଇ ଜଣେ ଚାଷୀ ପୋଡ଼ି ଗୁରୁତର ହୋଇଛନ୍ତି। ଅଭୟଚାନ୍ଦପୁର ଥାନା ତଥା ଏରସମା ତହସିଲ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମରେ ରବିବାର ଏହି ଦୁଃଖଦ ଘଟଣା ଘଟିଛି। କେତେଜଣ ଚାଷୀ ଏହି ଗାଁର ଧନାକୁଦ ଗାଦି ନିକଟରେ ଥିବା ବେଦି ଉପରେ ଧାନ ଗଦା ମାଡ଼ିଥିଲେ। ଗ୍ରାମର ଈଶ୍ୱର ଭୋଇ, ସୁଶାନ୍ତ ବେହେରା ଓ ପ୍ରକାଶ ଭୋଇ ୫ ଏକର ଜମିର ଧାନ ରଖିଥିଲେ। ରବିବାର ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ସେଠାରେ ନିଆଁ ଲାଗିଯାଇଥିଲା। ଏହି ନିଆଁରେ ଈଶ୍ୱର, ସୁଶାନ୍ତ ବେହେରା ଓ ପ୍ରକାଶଙ୍କ ଧାନ ପୋଡ଼ିଯାଇଛି। ଫଳରେ ସେମାନେ ବର୍ଷକର ଧାନ ହରାଇଛନ୍ତି। ଗାଁ ଲୋକେ ଏହାଦେଖି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିବା ସହ କୁଜଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅପରପକ୍ଷେ ନିଆଁ ଲିଭାଇବାକୁ ଯାଇ ସୁଶାନ୍ତ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା। ଖବରପାଇ ଘଟଣାସ୍ଥଳରେ ଢିଙ୍କିଆ ସରପଞ୍ଚଙ୍କ ପ୍ରତିନିଧି ନୂତନ ଦାସ, ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡ଼ା ପ୍ରମୁଖ ପହଞ୍ଚି ୩ ଚାଷୀଙ୍କୁ ସମବେଦନା ଜଣାଇବା ସହ ଉପଯୁକ୍ତ ସହାୟତା ଯୋଗାଇଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପଟେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରାଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କୌଣସି ଛୋଟ ପିଲା ନିଆଁ ଲଗାଇ ଦେଇଥିବା ସାଧାରଣରେ ଚର୍ଚ୍ଚାହେଉଛି।

# ପାରାଦୀପଗଡ଼ରେ ମିନି ଷ୍ଟାଡିୟମ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ଅନ୍ୟମାନେ।

ପାରାଦୀପ,୧୯।୧(ଶରତ ରାଉତ)

ପାରାଦୀପଗଡଠାରେ ରବିବାର ସନ୍ଧ୍ୟାରେ ଏକ ମିନି ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ସିଏସ୍‌ଆର ଅର୍ଥରେ ନିର୍ମିତ ଏହି ଷ୍ଟାଡିୟମକୁ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ବେହେରା, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା ଓ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶା.ଜି ଉପସ୍ଥିତ ଥିଲେ। ଏହି ଷ୍ଟାଡିୟମରେ ପାଖ ୧୦ ଗାଁ ପିଲାଙ୍କୁ ନେଇ କ୍ରିକେଟ ଟୁର୍ନାମେଣ୍ଟ ହୋଇଥିଲା। ଫାଇନାଲ ମ୍ୟାଚ ବିଜେତା ଓ ରନର୍ସଅପ ଖେଳାଳିଙ୍କୁ ମନ୍ତ୍ରୀ ସ୍ୱାଇଁ ଟ୍ରଫି ପ୍ରଦାନ କରିଥିଲେ।

# ଉତ୍କର୍ଷ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ଆହ୍ୱାନ

ରଘୁନାଥପୁର,୧୯।୧
(ରାଜେନ୍ଦ୍ର ନାରାୟଣ ସିଂହ)

**ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ**

ରଘୁନାଥପୁର ବ୍ଲକ ଅଞ୍ଚଳର ୨୬ ଉଚ୍ଚ ବିଦ୍ୟାଳୟର ୧୩ତମ ମାସିକ ବୈଠକ ଚିକିଣିଆସ୍ଥିତ ଏଚ୍‌ଏମ୍‌ଟି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି ଏହାର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏଥିସହ ଉତ୍କର୍ଷ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟରେ ପାଠପଢାରେ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଶିକ୍ଷାଧିକାରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଆଲୋଚନା ହେବାକୁ ଥିବା ସମସ୍ତ ପ୍ରସଙ୍ଗ ଉପରେ ବୈଠକରେ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଗଣିତରେ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନେବା, ଦଶମ ଶ୍ରେଣୀ ହାପିଅର୍ଲି ପରୀକ୍ଷାରେ ଅନୁପସ୍ଥିତ ଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗାମୀ ବୋର୍ଡ ପରୀକ୍ଷାରେ ଉପସ୍ଥିତ କରାଇବା ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ବିଷୟରେ ଆଲେଚନା ହୋଇଥଲା। ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସାହୁ, ଉଲ୍ଲାସଚନ୍ଦ୍ର ରାୟ, ରଞ୍ଜନ କୁମାର ମିଶ୍ର, ରିତା ରାଉତ, ଅକ୍ଷୟ କୁମାର ମହାନ୍ତି ଓ ବୈଜୟନ୍ତୀ ସାହୁ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଏଚ୍‌ଏମଟି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ ସ୍ୱାଗତ ଭାଷଣ ଓ ବିଜୟ କିଶୋର ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହାଛଡା ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର, ଚିତ୍ରସେନ ସାହୁ, ମାନସ କୁମାର ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ହେମଲତା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟରାଜ ଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଶିକ୍ଷକମାନେ।

# ମାସିକ ୯ ହଜାର ଟଙ୍କା ପେନ୍‌ସନ ଦାବି




ବୈଠକରେ ଯୋଗଦେଇଥିବା ପେନ୍‌ସନଧାରୀମାନେ।

ରଘୁନାଥପୁର,୧୯।୧
(ରାଜେନ୍ଦ୍ର ନାରାୟଣ ସିଂହ)

**ଇପିଏଫ୍ ଆସୋସିଏଶନ ଶାରଳା ସୂତାକଳ ଶାଖାର ବାର୍ଷିକ ଅଧିବେଶନ**

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଅଧୀନ ଧଳତଙ୍ଗଗଡ଼ ଜଙ୍ଗଲ ଧ୍ରୁବ ତପସ୍ୟା ସ୍ଥଳୀ ଧଉଳିକୁଦଠାରେ ଅଲ୍ ଓଡ଼ିଶା ଇପିଏଫ୍ ଆସୋସିଏଶନ ଶାରଳା ସୂତାକଳ ଶାଖାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଆସୋସିଏଶନର ସଭାପତି ରୋହିତ କୁମାର ମହାନ୍ତି ପୌରୋହିତ୍ୟ କରିଥିଲେ। ଜିଲା ସମ୍ପାଦକ ଅଭୟ କୁମାର ଦାସ, ସୂର୍ଯ୍ୟନାରାୟଣ ପରିଜା, ବିନୋଦ ବିହାରୀ ମହାନ୍ତି, ଉମେଶ ଚନ୍ଦ୍ର ସାହୁ, ଅଶୋକ ମହାନ୍ତି, ଗିରିଧାରୀ ସାମଲ, ପ୍ରଭାବତୀ ଜେନା ଓ ନିରୁପମା ସାମଲ ପ୍ରମୁଖ ନିଜ ବକ୍ତବ୍ୟରେପ୍ରତି ଇପିଏଫ ପେନ୍‌ସନଧାରୀ ପାଉଥିବା ସ୍ୱଳ୍ପ ପେନ୍‌ସନରେ କିଭଳି ଦୈନନ୍ଦିନ ଚଳନିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଲ୍ ଇଣ୍ଡିଆ ପେନ୍‌ସନ ଆସୋସିଏଶନର ମୁଖ୍ୟଙ୍କ ଦାବି ଅନୁଯାୟୀ, ପ୍ରତ୍ୟେକ ପେନ୍‌ସନ୍‌ଧାରିଙ୍କୁ ମାସିକ ୯ ହଜାର ଟଙ୍କା ପେନ୍‌ସନ ପ୍ରଦାନ ପାଇଁ ସର୍ବସମ୍ମତିକ୍ରମେ ଦାବି କରାଯାଇଥିଲା। ଏହାଛଡା ମହଙ୍ଗା ଭତ୍ତା ବୃଦ୍ଧି କରାଯିବା, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଯୋଜନାର ମାଗଣା ଚିକିତ୍ସା ସୁବିଧା, ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଏବଂ ସର୍ବପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବର୍ଦ୍ଧିତ ପେନ୍‌ସନ ଯଥାଶୀଘ୍ର ଲାଗୁ କରିବା ପାଇଁ ଦାବି ଉଠିଥିଲା। ଏଥିରେ ଅମୂଲ୍ୟ ନନ୍ଦ ବାର୍ଷିକ ଅଧିବେଶନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେବେନ୍ଦ୍ରନାଥ ସ୍ୱାଇଁ, ରାଜକିଶୋର ବାରିକ, ଗୀତାରାଣୀ ପରିଡ଼ା, ସାବିତ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିଲାବେଳେ ସୁନନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ୨୦୦ରୁ ଊର୍ଦ୍ଧ୍ୱ ଇପିଏଫ୍ ପେନସନଧାରୀ ଏଥିରେ ଯୋଗଦେଇଥିଲେ।

# ଶିଶୁ ସାହିତ୍ୟ ପତ୍ରିକା ସୁନାଭଉଣୀର ବାର୍ଷିକ ଉତ୍ସବ

ଜଗତ୍‌ସିଂହପୁର, ୧୯।୧(ପ୍ରମୋଦ କୁମାର ନାୟକ)

ଶିଶୁ ସାହିତ୍ୟ ପତ୍ରିକା ସୁନା ଭଉଣୀର ବାର୍ଷିକ ଉତ୍ସବ ତଥା ଏହାର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ବିଜୟ କୁମାର ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀଜନିତ ସ୍ମୃତିସଭା ଜଗତ୍‌ସିଂହପୁର ପୁସ୍ତକ ମେଳା ପରିସରରେ ସୁଚାରୁରୂପେ ସମ୍ପାଦିତ ହୋଇଯାଇଛି। ଏହି ଅବସରରେ ସୁନାଭଉଣୀ ପତ୍ରିକାର ଇତିହାସ ଓ ବାର୍ଷିକ ବିବରଣୀ ବିଷୟରେ ବର୍ତ୍ତମାନର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର କହିଥିଲେ। ସଭାପତି ଶୁକଦେବ ପରିଡା (ଲୋକ ଭାଷାର ପ୍ରକାଶକ)ଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଚିତ୍ରୋତ୍ପଳା ପ୍ରକାଶନୀର ସ୍ୱତ୍ତ୍ୱାଧିକାରୀ ସଦାଶିବ ଦାଶ, ମୁଖ୍ୟବକ୍ତାଭାବେ ବକ୍ତା ପ୍ରାକ୍ତନ ଅଧକ୍ଷ ରମାରଞ୍ଜନ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ଗଣେଶ୍ୱର ମହାନ୍ତି ସ୍ୱର୍ଗତ ବିଜୟଙ୍କ ସାରସ୍ୱତ ଜୀବନ ଓ ତାଙ୍କର ବହୁବିଧ କୃତିତ୍ୱର ସ୍ମୃତିଚାରଣ କରିଥିଲେ। କବି, କବୟିତ୍ରୀଗଣ ସ୍ୱରଚିତ କବିତାମାନ ପାଠ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ବେହେରା, ଉମାକାନ୍ତ ନାୟକ, କୈଳାଶ ଚନ୍ଦ୍ର ସ୍ୱାଇଁ, ପ୍ରତାପ ମହାନ୍ତି, କୈଳାସ ମଲ୍ଲିକ, ସୁବାସ ଚନ୍ଦ୍ର ରାଉତ, ପ୍ରତାପ ଚନ୍ଦ୍ର ବେହେରା, ପତିତପାବନ ଜେନା, ଖଗେଶ୍ୱର ମହାରଣା, ଇନ୍ଦୁମତୀ ସାହୁ, ରଶ୍ମି ରଞ୍ଜନ ସ୍ୱାଇଁ, ସ୍ନେହାଂଶୁ ଜେନା, ପ୍ରତିଭାରାଣୀ ରାୟ, ତିଳୋତ୍ତମା ଦାଶ, ଆରତୀ ଦାସ, ଆର୍ତ୍ତତ୍ରାଣ ପତି, ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିଥିଲେ । ସର୍ବୋଦୟ କର୍ମୀ ରବି ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଦିଲୀପ ସଭାପତି, ରଜନୀ ସମ୍ପାଦକ

## କୁଜଙ୍ଗ ଆଥ୍‌ଲେଟିକ କ୍ଲବ

କୁଜଙ୍ଗ,୧୯।୧(ମନୋଜ ପ୍ରଧାନ)

ଦୀର୍ଘ ବର୍ଷ ଧରି ସ୍ଥାଣୁ ଅବସ୍ଥାରେ ଥିବା ଜଗତ୍‌ସିଂହପୁର ଜିଲାର ସର୍ବପୁରାତନ କ୍ରୀଡ଼ା ଅନୁଷ୍ଠାନ କୁଜଙ୍ଗ ଆଥ୍‌ଲେଟିକ କ୍ଲବ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଓ କ୍ରିୟାଶୀଳ କରାଇବା ପାଇଁ ରବିବାର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି । ସନ୍ଧ୍ୟାରେ କ୍ଲବ ପରିସରରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତିଭାବେ ଦିଲୀପ କୁମାର ସାହୁ ଓ ସମ୍ପାଦକ ଭାବେ ରଜନୀକାନ୍ତ ଗୁରୁଙ୍କୁ ଚୟନ କରାଯାଇଛି । ବୈଠକରେ ପୂର୍ବତନ ସଭାପତି ଅନ୍ତର୍ଯାମୀ ନାରାୟଣ ଦାସ ଯାଦବଙ୍କ ସମେତ ବରିଷ୍ଠ ସଭ୍ୟ ପ୍ରଶାନ୍ତ ପଟ୍ଟନାୟକ, ପ୍ରଦ୍ୟୁମ୍ନ କିଶୋର ପଟ୍ଟନାୟକ, ଦେବ ନାରାୟଣ ରାଜଗୁରୁ, ରଶ୍ମି ରଞ୍ଜନ ମହାପାତ୍ର, ରାଜେନ୍ଦ୍ର ନାରାୟଣ ଗୁରୁ, ଅଶୋକ ନାଥ, ପ୍ରଫୁଲ୍ଲ ପାତ୍ର, ପ୍ରଶାନ୍ତ ନାଥ ଓ ସନ୍ତୋଷ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଭାପତି ଓ ସମ୍ପାଦକଙ୍କୁ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ସ୍ୱାଧୀନତା ପ୍ରଦାନ କରାଯାଇଛି। ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ନୂତନ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଯାଦବ କହିଛନ୍ତି ।

# ସ୍ୱଚ୍ଛ, ଗୁଣବତ୍ତା ଧାନ ଆଣି ଉପଯୁକ୍ତ ପ୍ରାପ୍ୟ ନିଅ

ରଘୁନାଥପୁର,୧୯।୧
(ରାଜେନ୍ଦ୍ର ନାରାୟଣ ସିଂହ)

**ଉତ୍ତରକୂଳ ସମବାୟ ସମିତିରେ ଧାନମଣ୍ଡି ଖୋଲିଲା**

ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ଉତ୍ତରକୂଳ କୃଷି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସମିତିର ସମ୍ପାଦକ ଅବିନାଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ସଭାପତି ମନୋଜ ମହାନ୍ତି ଧାନକ୍ରୟର ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛ ଓ ଗୁଣାବତ୍ତା ଧାନ ମଣ୍ଡିକୁ ଆଣି ଉପଯୁକ୍ତ ପ୍ରାପ୍ୟ ନେବାକୁ ସେ ଉପସ୍ଥିତ ଚାଷୀଙ୍କୁ ଅନୁରୋଧ କରିଥିଲେ। ମଣ୍ଡିରେ ଧାନ ବିକ୍ରି ପାଇଁ ୪୭୮ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୫ ଶହ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ଓ ଶନିବାର ମଣ୍ଡିରେ ଚାଷୀଙ୍କ ଧାନ କ୍ରୟ ପାଇଁ ନିଷ୍ପତ୍ତି ହୋଇଛି। ସାଲେପୁରସ୍ଥିତ ମୁରଲୀଧର ରାଇସ୍ ମିଲ ଏହି ଧାନ କ୍ରୟ କରିବ ବୋଲି ସ୍ଥିର ହୋଇଛି। ଟୋକନ୍ ଅନୁଯାୟୀ ଚାଷୀଙ୍କଠାରୁ ଧାନ କିଣାଯାଉଛି ବୋଲି ସମିତି ସମ୍ପାଦକ ରାଉତ କହିଛନ୍ତି। ସରପଞ୍ଚ ପ୍ରତିନିଧି ପ୍ରଦୀପ ବେହେରା, ଦିଲୀପ ବିଶ୍ୱାଳ, ରମାକାନ୍ତ ମଲ୍ଲ, କିଶୋର ସାହାଣି, ସରପଞ୍ଚ ସନ୍ନ୍ୟାସୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ ନେତାଙ୍କ ପାଇଁ ରାଲି, ସାଧାରଣ ସଭା

ପାରାଦୀପ,୧୯।୧(ଶରତ ରାଉତ)

ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନ ଓ ଏଫ୍‌ସିଆଇ ୟୁନିୟନର ସର୍ବଭାରତୀୟ ସଭାପତି ତନ୍ମୟ ଜେନା ରବିବାର ପାରାଦୀପକୁ ୩ ଦିନିଆ ଗସ୍ତରେ ଆସିଛନ୍ତି। ସେ ଇଫ୍‌କୋ ଛକରେ ପହଞ୍ଚିବାପରେ ତାଙ୍କୁ ସେହି ୟୁନିୟନର ଶ୍ରମିକମାନେ ରାଲିରେ ବଡ଼ପଡ଼ିଆ ୟୁନିୟନ ପର୍ଯ୍ୟନ୍ତ ଆଣିଥିଲେ। ସନ୍ଧ୍ୟାରେ ଜୟଦେବ ଭବନ ସମ୍ମୁଖ ପଡ଼ିଆରେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ସେଥିରେ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ଓ ଅନ୍ୟ ଶିଳ୍ପ ସଂସ୍ଥାରେ କାମ କରୁଥିବା ଶ୍ରମିକମାନଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦୁଇ ଦିନ ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ତନ୍ମୟ ହେଉଛନ୍ତି ଜଣାଶୁଣା ପ୍ରଖ୍ୟାତ ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ପୁଅ। ଏବେ ସେ ସବୁ ୟୁନିୟନ ସଭାପତି ଭାବେ ଚୟନ ହୋଇଛନ୍ତି। ଏହି ସମାବେଶରେ ୟୁନିୟନ କାର୍ଯ୍ୟକାରୀ ସଭାପତି ଆର.ଏନ ଦାସ, ସମ୍ପାଦକ ସନାତନ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ ଡାଇମଣ୍ଡ କ୍ରିକେଟ୍ କ୍ଲବ ବିଜୟୀ

କୁଜଙ୍ଗ,୧୯।୧(ମନୋଜ ପ୍ରଧାନ)

**ସମୀର ଓ ସୁଶୀଳ ସ୍ମାରକୀ କ୍ରିକେଟ**

କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ପଞ୍ଚାୟତ ଅନ୍ତର୍ଗତ ବୁଢୀ ଜାଗୁଆଣୀ ଯୁବକ ସଂଘ ଜଗତୀ ଆନୁକୂଲ୍ୟରେ ସମୀର ଓ ସୁଶୀଳ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବାଳକୃଷ୍ଣ ଜେନା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମହାପାତ୍ର ଇଣ୍ଡେନର ପ୍ରୋପ୍ରାଇଟର ସମରେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଆମ୍ବେଡକର କ୍ରିକେଟ କ୍ଲବ ଜଗତ୍‌ସିଂହପୁର ଓ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦୀପ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍‌ଜିତ ଆମ୍ବେଡକର କ୍ରିକେଟ କ୍ଲବ ଜଗତ୍‌ସିଂହପୁର ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦୀପ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୯ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ଆମ୍ବେଡକର କ୍ରିକେଟ କ୍ଲବ ଜଗତ୍‌ସିଂହପୁର ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୧୫୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଡାଇମଣ୍ଡ ପାରାଦୀପ କ୍ଲବର ବିକାଶ ଶ୍ରୀବାସ୍ତବ ଆକର୍ଷଣୀୟ ବୋଲିଂ ବଳରେ ୫ ଉଇକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଭାତ ଚୈାଧୁରୀ, ସଞ୍ଜୟ କୁମାର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଲକ୍ଷ୍ମୀକାନ୍ତ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ରମେଶ ସ୍ୱାଇଁ, ତପନ ଦାଶ, କେବିସି ଯାଦବ, ବୁଦ୍ଧଦେବ ଦାଶ, ସଞ୍ଜୟ ସ୍ୱାଇଁ, ସଞ୍ଜୟ ଦାଶ, ଦିନେଶ ପରିଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷାର ସୁରକ୍ଷା ସହ ବ୍ୟାପକ ପ୍ରଚାର, ପ୍ରସାର ଜରୁରୀ

ଜଗତ୍‌ସିଂହପୁର, ୧୯।୧
(ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ପୁସ୍ତକ ମେଳାର ପଞ୍ଚମ ଦିନ**



ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ଓଡ଼ିଆ ଭାଷା ବିପଥଗାମୀ। ୧୯୭୧ରେ ସର୍ବଭାରତୀୟସ୍ତରରେ ଓଡ଼ିଆ କହୁଥିବା ଲୋକଙ୍କ ହାର ୩.୭୮ ଥିବାବେଳେ ବର୍ତ୍ତମାନ ଏହି ହାର ୨.୯୮କୁ ହ୍ରାସ ପାଇଛି। ଯଦି ଏହି ଧାରା ଜାରି ରୁହେ ତେବେ ଏ ଭାଷା ଦିନେନା ଦିନେ ସଂସ୍କୃତ ଓ ମାଗଦି ଭାଷା ଭଳି ଦଶା ଭୋଗିବାର ଆଶଙ୍କା ରହିଛି। ତେଣୁ ପ୍ରତ୍ୟେକ ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ରବିବାର ୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ 'ଓଡ଼ିଆ ଭାଷା ସାହିତ୍ୟ ଓ ଆମ ଜଗତ୍‌ସିଂହପୁର' ଶୀର୍ଷକ ସାହିତ୍ୟ ଆସରରେ ଅତିଥିଭାବେ ଯୋଗଦେଇ ପ୍ରାକ୍ତନ ପ୍ରଶାସକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ମନୋଜ ମହାନ୍ତି କହିଥିଲେ। ସେ କହିଥିଲେ, ଭାଷା ଖାଲି ଭାବ ବିନିମୟର ମାଧ୍ୟମ ନୁହେଁ, ଭାବନାର ଚାବିକାଠି। ଜାତିର ଜାତକ ଲେଖେ ଭାଷା। ଓଡ଼ିଆ ଆମର ମାତୃଭାଷା, ଏହା ପ୍ରାଚୀନ, ପୂର୍ଣ୍ଣାଙ୍ଗ ଓ ସମୃଦ୍ଧ। ପ୍ରାୟ ୨୫୦୦ ବର୍ଷ ପୂର୍ବେ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଥିଲା। ୧୦ମ ଶତାବ୍ଦୀବେଳକୁ ଏହି ଭାଷାର ସ୍ୱତନ୍ତ୍ର ରୂପ ଆତ୍ମପ୍ରକାଶ କରିଥିଲା। ପଞ୍ଚଦଶ ଶତାବ୍ଦୀର ଅୟମାରମ୍ଭରେ ଓଡ଼ିଆ ଭାଷାର ଦ୍ରୁତ ବିକାଶ ଘଟି ସାହିତ୍ୟ ସୃଷ୍ଟି ନିମନ୍ତେ ପ୍ରଚୁର ଶକ୍ତି ପାଇଥିଲା। ଏହି ଶତାବ୍ଦୀର ମଧ୍ୟଭାଗରେ ଏହି ଜାତିର ମହାକବି ସାରଳା ଦାସ ମହାଭାରତ ଗ୍ରନ୍ଥ ଲେଖିଥିଲେ। ଷୋଳଦଶ ଶତାବ୍ଦୀରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଏହା ଓଡ଼ିଆ ଭାଷାକୁ ମାନକ ରୂପ ଦେଇଥିଲା। ପ୍ରାଚୀନ ଭାଷା ଯଦି ସାହିତ୍ୟିକ ଭାଷାରେ ପରିଣତ ହୋଇପାରିଲା ତେବେ ସେକ୍ଷେତ୍ରରେ ସାରଳା ଦାସଙ୍କ ଅବଦାନ ସର୍ବାଗ୍ରେ। ଏହା ହିଁ ଥିଲା ତାଙ୍କ ବୈପ୍ଳବିକ ଚିନ୍ତାଧାରା। ସଂସ୍କୃତର ବନ୍ଦୀଶାଳରୁ ସେ ଓଡ଼ିଆ ଭାଷାକୁ ମୁକୁଳାଇ ପାରିଥିଲେ। ଅନେକ ଘାତ ପ୍ରତିଘାତ ମଧ୍ୟରେ ଓଡ଼ିଆ ଭାଷା ଓଡ଼ିଆ ରାଜ୍ୟ ଗଠନ କରିଛି। କିନ୍ତୁ ଆଜି ଓଡ଼ିଆ ହେଉଛି ବିଶ୍ୱର ଏକ ପ୍ରମୁଖ ଭାଷା। ବିଶ୍ୱର ୭,୧୦୨ ଭାଷା ମଧ୍ୟରେ ବହୁକଥିତ ୩୭ତମ ଭାଷା ହେଉଛି ଓଡ଼ିଆ। ଭାରତର ୨୪ଟି ପ୍ରାଦେଶିକ ସ୍ୱୀକୃତି ଭାଷା ମଧ୍ୟରୁ ଓଡ଼ିଆ ଭାଷାର ସ୍ଥାନ ଦଶମ। ଏହା ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଏବଂ ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପାଇଛି। ଆଉ ଏହା ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ଓ ଯଶୋବନ୍ତ ଦାସଙ୍କ ଅବଦାନ ଯୋଗୁ ସମ୍ଭବ ହୋଇପାରିଛି। ଓଡ଼ିଶା ସାହିତ୍ୟର ଏକୁଡ଼ିଶାଳ ହେଉଛି ବାଣୀକ୍ଷେତ୍ର ଜଗତ୍‌ସିଂହପୁର। ମହାକବି ସାରଳା ଦାସଙ୍କଠାରୁ ଆରମ୍ଭକରି ଯଶୋବନ୍ତ ଦାସ, ଜାତୀୟ କବି ବୀରକିଶୋର ଦାସ ପ୍ରମୁଖ ଅନେକ ସୁଯୋଗ୍ୟ ସନ୍ତାନ ଏ ମାଟି ପାଇଁ ଗର୍ବ ଆଣିଛନ୍ତି ବୋଲି ମହାନ୍ତି କହିଥିଲେ। ଅନ୍ୟତମ ଅତିଥି ସାହିତ୍ୟିକ ତଥା ସ୍ତମ୍ଭକାର ପରମବ୍ରହ୍ମ ତ୍ରିପାଠୀ ଆମ ପାଇଁ ସାହିତ୍ୟ ସର୍ଜନା ନୁହେଁ, ଜୀବନଶୈଳୀ ବୋଲି କହିଥିଲେ। ସାରଳା ଦାସଙ୍କ ରଚିତ ମହାଭାରତ ମୂଳ ମହାଭାରତର ନକଲ ନୁହେଁ। ଏଥିରେ ଓଡ଼ିଆ ଜନଜୀବନର ଚରିତ୍ର ପ୍ରତିଫଳିତ ହୁଏ। ଏ ମାଟିର ପୁଅ ଜାତୀୟ କବି ବୀରକିଶୋର ଦାସଙ୍କ ଜୀବନ୍ତ କବିତା ଉପରେ ବର୍ଣ୍ଣନା କରି ଏହା କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀରାମଚନ୍ଦ୍ର ଦାସ ଜଣେ ଭଲ ଅଧିବକ୍ତା ଭାବେ ଜଣାଶୁଣା। ସେ ଜଣେ ସିଦ୍ଧ ସାହିତ୍ୟିକଠାରୁ କୌଣସି ଗୁଣରେ କମ୍ ନ ଥିଲେ। ପୃଥିବୀରେ ଜଗତ୍‌ସିଂହପୁର ଭଳି ଯାଗା ପାଇବେନି, ଯେଉଁଠି ୫/୬ ପିଢ଼ି ସାହିତ୍ୟରେ ପ୍ରଭାବ ବିସ୍ତାର କରିପାରିଛି। ଏ ମାଟିର ସ୍ରଷ୍ଟାମାନେ ହାତଧରି ଛିଡ଼ା କରନ୍ତି। କିନ୍ତୁ ଅନୁକରଣ ନୁହେଁ, ନିଜ ଶୈଳୀରେ ଲେଖିବାକୁ ପ୍ରେରିତ କରିଥାନ୍ତି ବୋଲି ତ୍ରିପାଠୀ କହିଥିଲେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ଅନ୍ୟତମ ଅତିଥି ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ ପ୍ରସଙ୍ଗ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ପରିଷଦ ଯୁଗ୍ମ ସମ୍ପାଦକ ନରେଶ ଦାସ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଅବନୀକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।

# ଜେଲ୍ ଗଲେ ୪ ଖବରଦାତା

ନୂଆଗାଁ, ୧୯।୧ (ଧନେଶ୍ୱର ସାହୁ)

**ପାନ ଖାଇବା ଖବର ପ୍ରସାରଣ କରିବା ଧମକ ଦେଇ ଟଙ୍କା ଆଦାୟ**

ନୟାଗଡ଼ ଜିଲା ନୂଆଗାଁ ଥାନା ଏହି ବ୍ଲକର ଜଣେ ବରିଷ୍ଠ କିରାଣିଙ୍କୁ ଧମକାଇ ଟଙ୍କା ନେବା ଅଭିଯୋଗରେ ନିଜକୁ ଖବରଦାତା କହୁଥିବା ୪ ଜଣ ଯୁବକ ରବିବାର ଗିରଫ ହୋଇ କୋର୍ଟ ଚାଲଣ ହୋଇଛନ୍ତି। ତେବେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରେ ଗିରଫ ଖବରଦାତାମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଖବରଦାତାମାନେ ହେଲେ ନୂଆଗାଁ ଥାନା ବାଲଣ୍ଡା ଗ୍ରାମର ଦିପୁ ରାଉତ, ଦଶପଲ୍ଲା ଥାନା ଅଞ୍ଚଳର ପ୍ରମୋଦ ମହାନ୍ତି, ଦିନେଶ ସିଠ ଓ ଜିତେନ୍ଦ୍ର ସ୍ୱାଇଁ।

ନୂଆଗାଁ ବ୍ଲକ ଡେଭଲପମେଣ୍ଟ ବିଭାଗର ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ କାହ୍ନୁ ଚରଣ ଜେନା ଶନିବାର ଥାନାରେ କରିଥିବା ଅଭିଯୋଗ ମୁତାବକ ଦଶପଲ୍ଲା ଥାନା ଅଞ୍ଚଳର ପ୍ରମୋଦ , ଦିନେଶ , ଜିତେନ୍ଦ୍ର ଓ ଦିପୁ ନିଜକୁ ଖବରଦାତା ପରିଚୟ ଦେଇ ତାଙ୍କୁ ନାନା ଧମକ ଦେଇଥିଲେ। ଏହା ପରେ ତମେ କାହିଁକି ପାନ ଖାଇ ଅଫିସ ଆସୁଛ ବୋଲି ପ୍ରଶ୍ନ କରି ଧମକାଇବା ସହ ୫ ହଜାର ଟଙ୍କା ନ ଦେଲେ ତମ ନାମରେ ଖବର କରିବୁ ବୋଲି କହିଥିଲେ। ଏଥିରେ ଅଭିଯୋଗକାରୀ ଜେନା ଭୟଭୀତ ହୋଇ ସେମାନଙ୍କ ଗୋଡ ଧରି ଭୁଲ ମାଗିବା ସହ ଆଉ କେବେ ପାନ ଖାଇବି ନାହିଁ ବୋଲି କହିଥିଲେ। ଟଙ୍କା ନ ଦେଲେ ଖବର କରିବୁ ବୋଲି କହିଥିଲେ। ପାଖରେ ଟଙ୍କା ନାହିଁ କହିବାରେ ମୋବଇଲ ନଂ. ୯୬୯୨୫୨୭୭୭୪କୁ ୨ ହଜାର ଟଙ୍କା ଫୋନ ପେ କରିବାକୁ ବାଧ୍ୟ କରିବାରେ ଜେନା ପଠାଇ ଥିଲେ। ଏହା ପରେ ମାନସିକ ଭାବେ ଭୟଭୀତ ହୋଇ ଜେନା ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଖବରଦାତାଙ୍କୁ ଥାନାକୁ ଡାକିଥିଲେ। ୪ ଅଭିଯୁକ୍ତ ଥାନାକୁ ନ ଆସି ପୁନର୍ବାର ବ୍ଲକ କାର୍ଯ୍ୟାଳୟରେ ପଶି ଅଭିଯୋଗକାରୀ ଜେନାଙ୍କୁ ଧମକାଉଥିଲେ। ଏହି ସମୟରେ ବ୍ଲକ କର୍ମଚାରୀ ସେମାନଙ୍କୁ ଅଟକାଇ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ୪ ଖବରଦାତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରିଥିଲା। ଅଭିଯୋଗରେ ସତ୍ୟତା ଥିବା ପ୍ରମାଣ ପାଇବା ପରେ ସେମାନଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨ ବାଇକ୍, ୭ ଟି ମୋବାଇଲ ଭିଡିଓ କ୍ୟାମେରା ସମେତ ଖବର ସଂଗ୍ରହର ସାମଗ୍ରୀ ଜବତ କରାଯାଇଥିବା ଆଇଆଇସି ଶରତ ଚନ୍ଦ୍ର ସେଠୀ କହିଛନ୍ତି। ଉକ୍ତ ଖବରଦାତାମାନେ ଗିରଫ ହେବା ଖବର ପାଇବା ପରେ ଜେନାଙ୍କ ଭଳି ଶିକାର ହୋଇଥିବା ୨ ଜଣ ଶିକ୍ଷକ ଥାନାର ଦ୍ୱାରସ୍ଥ ହୋଇ ଜଣେ ଶିକ୍ଷକଙ୍କଠାରୁ ୧୩ ହଜାର ଟଙ୍କା ଫୋନ ପେରେ ଓ ଅନ୍ୟ ଜଣେ ଶିକ୍ଷକଙ୍କଠାରୁ ୩ ହଜାର ଟଙ୍କା ନେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ୪ ଖବରଦାତାଙ୍କ ନାମରେ ଥାନାରେ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି।

# ରଜନୀଗନ୍ଧା ସାହିତ୍ୟ ପତ୍ରିକାର ରୌପ୍ୟ ଜୟନ୍ତୀ

ନୟାଗଡ,୧୯।୧

(ଲୋକନାଥ ମିଶ୍ର)



କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରବିବାର ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ନୀଳମାଧବ ହୋଟେଲରେ ମୁକୁଳିତ ରଜନୀଗନ୍ଧା ସାହିତ୍ୟ ପତ୍ରିକାର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୂରଦେଓଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବରିଷ୍ଠ କବି ନିରାକାର ଦାସ ଓ ବରିଷ୍ଠ ସ୍ତମ୍ଭକାର ଶତ୍ରୁଜିତ୍ ଓ ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଦେଇଥିଲେ। ବକ୍ତାମାନେ କହିଥିଲେ, ସାହିତ୍ୟକୁ ଅନୁଭବ କରିବାକୁ ହେଲେ ଗୋଟିଏ ଦରଦୀ ହୃଦୟ ଦରକାର। ପତ୍ର ପତ୍ରିକାର ଉନ୍ନତି ପାଇଁ ଏକ ସାରସ୍ୱତ ଆନ୍ଦୋଳନର ଆବଶ୍ୟକତା ରହିଛି। ଏ ଅବସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତାଗୁଡ଼ିକୁ କ୍ଷଣପ୍ରଭା କର ଓ ନୀଳମାଧବ ମିଶ୍ର ସଂଯୋଜନା କରିଥିଲେ। ରଜନୀଗନ୍ଧାରେ ନିୟମିତ ଲେଖା ଦେଇଥିବା କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ଅନୁବାଦକ ପ୍ରଭୃତି ୧୭ ଜଣଙ୍କୁ ରଜନୀଗନ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ରଜନୀଗନ୍ଧାର ଜାନୁଆରୀ ସଂଖ୍ୟା ଉନ୍ମୋଚନ ହୋଇଥିଲା। ରାଜଲକ୍ଷ୍ମୀ ଦାଶ ଓ ସବିତା ରଥ ଏହି କାର୍ଯକ୍ରମକୁ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ କ୍ୟାରମ୍ ଟୁର୍ନାମେଣ୍ଟ



ଖେଳାଳିମାନେ କ୍ୟାରମ୍ ଖେଳୁଛନ୍ତି।

ଖଣ୍ଡପଡ଼ା,୧୯।୧

(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପଠାଣିସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ନୟାଗଡ଼ ଜିଲାସ୍ତରୀୟ ଦିବାରାତ୍ର କ୍ୟାରମ୍ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ମହାବୀର କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ଜିଲାସ୍ତରରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ବାଇଗୁଣିଆ ସେଞ୍ଚୁରିୟନ୍ କ୍ଲବ୍ ସମ୍ପାଦକ ଶିଶିର କୁମାର ସାହୁ, ସାମାଜିକ କର୍ମୀ ବରେନ୍ଦ୍ରକୃଷ୍ଣ ମହାରଥୀ ଓ ଭଗବାନ ରାଉତଙ୍କ ପ୍ରୟାସକ୍ରମେ କ୍ୟାରମ୍ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

# ନୟାଗଡ଼ ଜେଲରେ ସାମୂହିକ ଗୀତା ପଠନ

ନୟାଗଡ଼,୧୯।୧

(ଲୋକନାଥ ମିଶ୍ର)



ଜେଲ୍ ପରିସରରେ କଏଦୀମାନେ ଗୀତାପାଠ କରୁଛନ୍ତି।

ନୟାଗଡ଼ ଜିଲା କାରାଗାରରେ ବନ୍ଦୀ ଜୀବନ ଯାପନ କରୁଥିବା ୨୧୦ ଜଣ ମହିଳାପୁରୁଷଙ୍କ ଉଦ୍ଦେଶ୍ୟରେ ଗୀତା ପ୍ରଦାନ ସହ ସାମୂହିକ ଗୀତା ପଠନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ଓ ଆଧ୍ୟାତ୍ମିକ ଶକ୍ତିର ଅଭିବୃଦ୍ଧି ପାଇଁ କାରାଗାର ମଧ୍ୟସ୍ଥ ସଭାଗୃହରେ କଏଦୀମାନଙ୍କୁ ଏକାଠି କରାଯାଇଥିଲା। କାରାଗାର ଅଧୀକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. କୈଳାସ ବାଣ୍ଡ, ସାମାଜିକ କର୍ମୀ ଦାମ ସାହୁ ଓ ନୌସେନାର ସେବାନିବୃତ୍ତ ଈଶ୍ୱର ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ବାଣ୍ଡ ନିଜ ବକ୍ତବ୍ୟରେ ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ଗୀତା ଅଧ୍ୟୟନ ଓ ପଠନ କିପରି ମାନବକୁ ଦେବତ୍ୱରେ ପରିଣତ କରେ ଓ ଅନ୍ତଃକରଣର ଶୁଦ୍ଧତା ଆଣେ ଦର୍ଶାଇ ଥିଲେ। ଅନୁତାପ ଓ ପ୍ରାୟଶ୍ଚିତ ବଳରେ ପାପୀର ହୃଦୟ ପରିବର୍ତ୍ତନ କରିଥାଏ ବୋଲି ଉଦାହରଣ ମାଧ୍ୟମରେ ବାଣ୍ଡ ଅଭିଭାଷଣ ରଖିଥିଲେ। ଅନ୍ୟ ଅତିଥିଗଣ ପ୍ରତ୍ୟହ ଗୀତା ପଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଅନ୍ତେବାସୀଙ୍କ ସହ ଅତିଥିଗଣ ଭାବ ବିନିମୟ କରି କହିଥିଲେ ଯେ ସତ କର୍ମ କରିବା ସହ ଅନ୍ତଃକରଣର ଶୁଦ୍ଧ କରି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କର। ଭଲ ମଣିଷ ହେଲେ ମନରୁ ଦୁଃଖ ଲାଘବ ହେବ। ଶେଷରେ ଅଧୀକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ରବୀନ୍ଦ୍ର ମେମୋରିଆଲ କ୍ରିକେଟ: ମର୍ଦ୍ଦରାଜପୁର ବିଜୟୀ

ଖଣ୍ଡପଡ଼ା,୧୯।୧

(ଅଜୟ କୁମାର ମହାରଣା)

ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆଠାରେ ଆରମ୍ଭ ହୋଇଥିବା ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ। ମ୍ୟାଚରେ ମର୍ଦ୍ଦରାଜପୁର କ୍ରିକେଟ ଟିମ ୯୬ ରନରେ ବଡ଼ବାଣପୁର-ବି କ୍ରିକେଟ କ୍ଲବକୁ ହରାଇ ସେମିଫାଇନାଲର ୩ୟ ଦଳ ହିସାବରେ ପ୍ରବେଶ କରିଛି। ମର୍ଦ୍ଦରାଜପୁର ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ବାଣପୁର ଟିମ ୧୦.୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଚନ୍ଦନ କୁମାର ଦଳେଇ ଓ ପ୍ରଭାସ ଚନ୍ଦ୍ର ଦାସ ଖେଳକୁ ପରିଚାଳନା କରିଥିଲେ। ସୋମବାର ବରୁଣେଇ କ୍ରିକେଟ ଟିମ କଣ୍ଟିଲୋ ସହ ଖଳିସାହି କ୍ରିକେଟ ଟିମର ମୁକାବିଲା ହେବ।

# ରାଇଜିଂ ଷ୍ଟାର କ୍ରିକେଟ: ଶାଳଝରିଆ ବିଜୟୀ

ଖଣ୍ଡପଡ଼ା,୧୯।୧

(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରିୟାଂଶିଷେ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଶାଳଝରିଆ କ୍ରିକେଟ କ୍ଲବ ୬୧ ଉଇକେଟରେ କାନପୁର କ୍ରିକେଟ ଟିମକୁ ପରାସ୍ତ କରି ବିଜୟୀ ହୋଇଛି। ଶାଳଝରିଆ ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୨ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଥିଲା। ଜବାବରେ କାନପୁର ଟିମ୍ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୭୦ ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଜ୍ଞାନ ରଞ୍ଜନ ନାୟକ ଓ ଆଲୋକ କୁମାର ରାଉତ ଖେଳ ପରିଚାଳନା କରିଥିବା ବେଳେ ନିରଞ୍ଜନ ରାଉତ ଓ ଦୁର୍ଗା ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ଶିକ୍ଷାନୁଷ୍ଠାନ ପରିଦର୍ଶନ



ଛାତ୍ରୀଛାତ୍ରମାନେ ଗଣିଆ ବଡ଼ମୂଳସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସର୍ଟ ପରିଭ୍ରମଣ କରୁଛନ୍ତି।

ଖଣ୍ଡପଡ଼ା,୧୯।୧

(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଧନ୍ଦା ମୂଳକ ପାଠ୍ୟକ୍ରମରେ ଅଧ୍ୟୟନରତ ୯ମ ଓ ୧୦ ଶ୍ରେଣୀର ଛାତ୍ରୀଛାତ୍ରମାନେ ନୟାଗଡ଼ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ସେ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଆରସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ଅନିଲ କୁମାର ପ୍ରଧାନଙ୍କ ଗହଣରେ ଛାତ୍ରୀଛାତ୍ରମାନେ ଗଣିଆ ବଡ଼ମୂଳସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିଭ୍ରମଣ କରି ସେଠାରେ ମହାନଦୀ ବାଲୁକା ଶଯ୍ୟାରେ ନିର୍ମିତ କୁଟୀରରେ ପର୍ଯ୍ୟଟକଙ୍କୁ ବିଭିନ୍ନ ଦୁଃସାହାସିକ କ୍ରୀଡା, ପାରମ୍ପରିକ ଖାଦ୍ୟ ଓ ପାନୀୟ ସେବା ଏବଂ ପାରମ୍ପରିକ ନୃତ୍ୟ ଆଦି ବିଷୟରେ ଅନୁଧ୍ୟାନ କରିଥିଲେ। ଏ ସମସ୍ତ ବିଷୟରେ ସ୍ୟାଣ୍ଡ ରିସୋର୍ଟର ସାଇଟ ମ୍ୟାନେଜର ହରିହର ପ୍ରଧାନ ପିଲାମାନଙ୍କୁ ସମ୍ୟକ ଧାରଣା ଦେଇଥିଲେ। ପିଲାମାନେ ବିଭିନ୍ନ ସ୍ଥାନ ପରିଦର୍ଶନରେ ଯାଇ ଜ୍ଞାନ ଆହରଣ କରିଛନ୍ତି।

# ଦୁର୍ଗାବଜାର ବଣିକ ସଂଘର କର୍ମକର୍ତ୍ତା ଚୟନ

ଦଶପଲ୍ଲା,୧୯।୧

(ପ୍ରକାଶ କୁମାର ପାଣି)

ଦଶପଲ୍ଲାର ଦୁର୍ଗାବଜାର ବଣିକ ସଂଘର ବାର୍ଷିକ ବୈଠକ ଦୁର୍ଗାବଜାର କଲୋନୀ ଅନ୍ତର୍ଗତ ପାର୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଣିକ ସଂଘର ବହୁବିଧ କାର୍ଯ୍ୟଧାରା ସମ୍ବନ୍ଧରେ ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ହେଲେ ସଭାପତି ସନୋଜ କୁମାର ସାହୁ, ଉପସଭାପତି ରତନ କୁମାର ସାହୁ, ସମ୍ପାଦକ ଶିବ ପ୍ରସାଦ ସରାବ, ସହସମ୍ପାଦକ ଅଜୟ କୁମାର ପୃଷ୍ଟି ଓ କୋଷାଧକ୍ଷ ମହାବୀର ବେହେରା। ଏଥି ସହ ନୂତନ କାର୍ଯ୍ୟକାରୀ ସଦସ୍ୟ ଏବଂ ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ଦାୟିତ୍ୱ ପାଇଥିବା କର୍ମକର୍ତ୍ତାମାନେ ବଜାରର ବିକାଶ ଓ ଅଗ୍ରଗତି ପାଇଁ କାର୍ଯ୍ୟ କରିବେ ମତ ପ୍ରକାଶ କରିଥିଲେ।

# ସମାଜସେବାର ନିଆରା କାର୍ଯ୍ୟକ୍ରମ ବନ୍ଧୁମିଳନ

ଖଣ୍ଡପଡା,୧୯।୧

(ଅଜୟ କୁମାର ମହାରଣା)

ସାମ୍ପ୍ରତିକ ସମାଜରେ ଆଉ ମାନତି ରହୁନି କିମ୍ବା ଗୁରୁ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସେତେଟା ପରିଲକ୍ଷିତ ହେଉନି। ବିଶେଷତଃ ଆଜିର ଯୁବପିଢି ପ୍ରାୟତଃ ଗୁରୁ ଭକ୍ତି କିମ୍ବା ପୂଜ୍ୟ ପୂଜାକୁ ସମ୍ମାନ ଦେବା ଦେଖିବାକୁ ମିଳେନି। ଅପରପକ୍ଷରେ ପିଲାମାନେ ଉଚ୍ଚଶିକ୍ଷା ପାଇ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଅବା ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇ ବ୍ୟସ୍ତତା ମଧ୍ୟରେ ଅନ୍ୟପ୍ରତି ସେମାନଙ୍କର କିଛି କର୍ତ୍ତବ୍ୟ ରହିଥିବା ଭୁଲି ଯାଇଥାନ୍ତି। ମାତ୍ର ଏପରି କେତେଜଣ ଯୁବ ପିଢି ଅଛନ୍ତି ଯେଉଁମାନେ କି ସମାଜ ପ୍ରତି କିଛି କରି ଦେଖାଇବାର ମନବୃତ୍ତି ରଖିଥିବା ପରିଲକ୍ଷିତ ହୋଇଛି। ଏପରି ଏକ ଉଦାହରଣ କରି ଦେଖାଇଛନ୍ତି, ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୭୭ ମାଟ୍ରିକ ମ୍ୟାଚର ସହପାଠୀମାନେ। ଉକ୍ତ ବ୍ୟାଚର ୬ଷ୍ଠ ବାର୍ଷିକ ସମାବେଶ ସ୍ଥାନୀୟ ଶ୍ମଶାନ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ୪୦ରୁ ଊର୍ଦ୍ଧ୍ୱ ସହପାଠୀ ସପରିବାର ଏକାଠି ହୋଇ ପରସ୍ପର ସହ ଭାବ ବିନିମୟ କରିଥିଲେ। ପ୍ରତିବର୍ଷ ପରି କିଛି ବୃଦ୍ଧାବୃଦ୍ଧ, ଗରିବ, ନିସହାୟ ବ୍ୟକ୍ତିମାନଙ୍କୁ କିଛି ସହାୟତାର ହାତ ବଢ଼ାଇବାର ନିଷ୍ପତ୍ତି ନେଇଥିଲେ। ଏ ପରିପ୍ରେକ୍ଷୀରେ ସହପାଠୀ ଗୋପାଳ ଚନ୍ଦ୍ର ଅଗ୍ରୱାଲ, ଅର୍ଜୁନ ସାହୁ, ସତ୍ୟବାଦୀ ସ୍ୱାଇଁ ଓ ବିପିନ ସାହୁଙ୍କ ପ୍ରଚେଷ୍ଟା କ୍ରମେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତ ସହପାଠୀ ପରିବାର ସହ ନିକଟସ୍ଥ ପଥରଚକଡା, ଧାନଚେଙ୍ଗଡା, କାଳିଆପଲ୍ଲୀ, କଣ୍ଟିଲୋ ଆଦି ଅଞ୍ଚଳରେ ବସବାସ କରୁଥିବା ବୃଦ୍ଧାବୃଦ୍ଧ, ଅସହାୟ ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ଶୀତବସ୍ତ୍ର କମ୍ବଳ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସହପାଠୀ ଶାନ୍ତନୁସିଂହଦେଓ, ସୁବୋଧ ଚନ୍ଦ୍ର ଦାସ, ବିରଞ୍ଚି ମହାନ୍ତି ପ୍ରମୁଖ ଆସନ୍ତା ବର୍ଷ କିପରି ସାମାଜିକ କାର୍ଯ୍ୟରେ ସମସ୍ତ ସହପାଠୀମାନଙ୍କ ସହଯୋଗ ରହିବ ସେ ସମ୍ପର୍କରେ ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଖଣ୍ଡପଡ଼ା,୧୯।୧

(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡ଼ିୟମ୍ ପରିସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିଦ୍ୟାଧର ମହାରଣା କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶ୍ୱାଳ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ମହାରଣାଙ୍କଠାରୁ ପ୍ରକାଶ।

# ଆର୍ଯ୍ୟ ସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା



ସମାବେଶରେ ଯୋଗ ଦେଇଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ।

ଖଣ୍ଡପଡା,୧୯।୧

(ଅଜୟ କୁମାର ମହାରଣା)

କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁସାହୁପାଟଣା ଆର୍ଯ୍ୟ ସମାଜ ପକ୍ଷରୁ ପୂଜ୍ୟ ପୂଜା ସମ୍ବର୍ଦ୍ଧନା ଉତ୍ସବରେ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ବୟସାଧିକ ବ୍ୟକ୍ତି ଯୋଗ ଦେଇଥିବା ବେଳେ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଅବସରପ୍ରାପ୍ତ ଅଧ୍ୟାପକ ନକୁଳ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ସମାଜରେ ଗୁରୁ ଗୁରୁଜନ ବ୍ୟକ୍ତି ବିଶେଷଙ୍କୁ ଆୟୋଜିତ ଏପରି ସମାବେଶରେ ସମ୍ମାନିତ କରାଯାଉଥିବାରୁ ଏହା ଏକ ସୁସ୍ଥ ପରମ୍ପରା ସମାଜରେ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ସମାଜରେ ଭାଇଚାରା ଓ ଜାତୀୟତା ଭାବ ସୃଷ୍ଟି କରିବା ଦ୍ୱାରା ସୁସ୍ଥ ତଥା ଶୃଙ୍ଖଳିତ ସମାଜ ଗଠନରେ ସହାୟତା ହୋଇପାରିବ ବୋଲି ସୂଚନା ଦେଇଥିଲେ। ଉପସ୍ଥିତ ବରିଷ୍ଠ ନାଗରିକମାନେ ସେମାନଙ୍କ ଅନୁଭୁତି ଓ ଚିନ୍ତାଧାରା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଶେଷରେ ସ୍ୱର୍ଗତ ବ୍ରଜବନ୍ଧୁ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆର୍ଯ୍ୟ ସମାଜ ପକ୍ଷରୁ ଆୟୋଜକ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବଳରାମ ସାହୁ, ବନମାଳୀ ସାହୁ, ଅଶୋକ କୁମାର ସାହୁ, ଅଖିଳ କୁମାର ସାହୁ,ନନ୍ଦୋଷ କୁମାର ମହାରଣା, ପ୍ରସନ୍ନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୧୯।୧

(ଅଜୟ କୁମାର ମହାରଣା)

- ମା'ପାଟ୍ଟଚଣ୍ଡୀଙ୍କ ପୀଠର କୂପପାଣି ଦୂଷିତ
- ଅଚଳ ଅବସ୍ଥାରେ ଗୋଟିଏ ନଳକୂପ



ଖଣ୍ଡପଡ଼ା ଅଞ୍ଚଳର ଆରାଧ୍ୟ ମା'ପାଟ୍ଟଚଣ୍ଡୀଙ୍କ ପୀଠରେ ପାନୀୟଜଳର ଅଭାବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମା'ଙ୍କର ଦୈନନ୍ଦିନ ନୀତିକାନ୍ତି ଓ ଭୋଗ ଲାଗି ନିମନ୍ତେ ସ୍ୱଚ୍ଛ ଜଳ ଟୋପେ ମିଳୁ ନ ଥିବାରୁ ମନ୍ଦିରର ପୂଜକ ତ୍ରିଲୋଚନ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମନ୍ଦିର ପରିସରରେ ଅବସ୍ଥିତ କୂପର ପାଣି ପୁରା ଦୂଷିତ ହୋଇଥିବାରୁ ଏହା କୌଣସି କାର୍ଯ୍ୟରେ ଲାଗିପାରୁନାହିଁ। ସେହିପରି ମନ୍ଦିର ପରିସରରେ ଥିବା ନଳକୂପଟି ୨ ମାସ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି। ଏହାର ମରାମତି, ରକ୍ଷଣାବେକ୍ଷଣ ଦିଗରେ ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁ ନ ଥିବା ଜଣାପଡ଼ିଛି। ବର୍ଷ ତମାମ୍ ମା'ଙ୍କ ପୀଠ ପରିସରରେ ଭୋଜିଭାତ ଓ ଭୋଗ ଲାଗି ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁଅ ଛୁଟୁଥିଲେ ହେଁ ପାନୀୟଜଳ ସମସ୍ୟାକୁ ନେଇ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଣ୍ଡପଡ଼ା ଅଞ୍ଚଳର ଏକ ପ୍ରାଚୀନ ଶକ୍ତିପୀଠ ରୂପେ ଜଣାଶୁଣା ମା'ପାଟ୍ଟଚଣ୍ଡୀଙ୍କ ପୀଠର ସର୍ବାଙ୍ଗୀନ ଉନ୍ନତି ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

ପ୍ରକାଶଥାଉକି କୁସୁମୀ ମାଳବନ୍ଧ ପାର୍ଶ୍ୱରେ ମା'ଙ୍କ ପୀଠଟି ଅବସ୍ଥିତ ହୋଇଥିବାରୁ ଦୀପତଳ ଅନ୍ଧାର ପରି ପ୍ରଶାସନିକ ଅଧିକାରୀମାନଙ୍କ ସେଥିପ୍ରତି ନଜର ନ ଥିବା ପରି ମନେ ହେଉଛି। ଏହି ପୀଠର ବିକାଶ ପ୍ରତି ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି। ମା'ଙ୍କ ପୀଠ ପରିସରରେ ଥିବା ପୁରାତନ କୂପର ପୁନରୁଦ୍ଧାର ସହ ଏକ ନୂତନ ନଳକୂପ ସ୍ଥାପନ ପାଇଁ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଅଚଳ ଅବସ୍ଥାରେ ପଡ଼ିରହିଥିବା ନଳକୂପଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ୨୦ରୁ ଊର୍ଦ୍ଧ୍ୱ ଖଣିରେ ଚାଲିଛି ବିସ୍ଫୋରଣ

ନୟାଗଡ଼,୧୯।୧(ଲୋକନାଥ ମିଶ୍ର)



ବଣ ପାହାଡ଼ ଘେରା ନୟାଗଡ଼ ଜିଲାରେ ମୁଣ୍ଡିଆ ଧ୍ୱଂସ ପାଇବା ଘଟଣା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ବେଆଇନ ଖଣି ଖନନ ରୋକିବା ବଦଳରେ ଦିନକୁ ଅବାଧରେ ବଢ଼ି ଚାଲିଥିବାରୁ ଧୀରେ ଧୀରେ ଅନେକ ମୁଣ୍ଡିଆ ମାଟିରେ ମିଶିବାକୁ ଯାଉଛି। ଏଭଳିସ୍ଥଳେ ନୂଆଗାଁ ବ୍ଲକ ହରିପୁର ପଞ୍ଚାୟତର ଜୟପୁର ମଣ୍ଡିଆ, କିରିଆଲାଞ୍ଜି ଗାଁ ନିକଟସ୍ଥ ଝରଣା ମୁଣ୍ଡିଆ ଖଣି ପରି ଜିଲାରେ ୨୦ରୁ ଊର୍ଦ୍ଧ୍ୱ ମୁଣ୍ଡିଆରେ ଅବାଧରେ ବିସ୍ଫୋରଣ ଚାଲିଛି। ଖଣି ବିଭାଗର ନୀରବତା ଜିଲାରେ ସବୁଜିମାକୁ ନଷ୍ଟ କରି ଚାଲିଥିବାବେଳେ ସରକାର ମଧ୍ୟ ରାଜସ୍ୱ ହରାଇବାରେ ଲାଗିଛନ୍ତି। ଏଭଳିସ୍ଥଳେ ମୁଣ୍ଡିଆର ସଂରକ୍ଷଣ କରା ନ ଗଲେ ଧୀରେ ଧୀରେ ଜଙ୍ଗଲ ଜନ୍ତୁ ମଧ୍ୟ ଲୋପ ପାଇଯିବେ ବୋଲି ସନ୍ଦେହ ପ୍ରକାଶ ପାଇଲାଣି।

ନୟାଗଡ ଜିଲାରେ ପଥର ମାଫିଆ ମାତିଛନ୍ତି। ପଥର ମାଫିଆମାନେ ଧରାଧରି କରି ନିଜର ଅପରାଧର ସାମ୍ରାଜ୍ୟକୁ ବିସ୍ତାର କରିଛନ୍ତି। ଜଣେ ଖଣି ମାଫିଆଙ୍କ ସୂଚନା ଅନୁସାରେ, ଗାଁରେ ଆଉ ଚାଳ ଘର ଦେଖିବାକୁ ମିଳୁନି। ସବୁ ଲୋକ ଛାତ ଘର କରିବାକୁ ଆଗ୍ରହୀ। ପୁଣି ସବୁ ଗାଁକୁ ରାସ୍ତା ନିର୍ମାଣ ଚାଲିଛି। ପୋଲ, କଳଭର୍ଟ, ଆବାସ ଯୋଜନାରେ ଘର, ସରକାରୀ କାର୍ଯ୍ୟାଳୟ, ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ବାସଭବନ ନିର୍ମାଣ ଚାଲିଛି। ଚିପସ୍, ମେଣ୍ଟାଲ, ଡ଼ିମା, ବଜୁରିର ଆବଶ୍ୟକତା ବଢୁଛି। ସରକାରୀ ଭାବେ ହାତ ଗଣତି କେତୋଟି ଖଣିକୁ ଅନୁମତି ମିଳୁଛି। ହେଲେ ତାହା ଲୋକଙ୍କ ଆବଶ୍ୟକତା ପୂରଣ କରି ପାରୁନି। ଏଣୁ ବେଆଇନ ଭାବେ ଖଣି ଖନନ ଚାଲିଛି। ବେଆଇନ ଖଣି ଖନନରେ ଖଣି ବିଭାଗ, ରାଜନେତା, ଖବରଦାତା, ସ୍ଥାନୀୟ ଲୋକ ପରି ଅନେକଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼େ। ଏଣୁ ବେଆଇନ ଖଣି ଖନନ ଉପରେ ଚଢ଼ାଉ ହୁଏ ନାହିଁ। ଯେତେ ସବୁ ଅଭିଯୋଗ ହୁଏ ତାହା ଶୀତଳଭଣ୍ଡାରକୁ ଚାଲିଯାଏ। ଖଣି ବିଭାଗ ଦାୟିତ୍ୱ ନେବା ପରେ ଖଣି ଖନନ ଭଲ ଚାଲୁଛି ବୋଲି କହିଥିଲେ।

**ଧ୍ୱଂସ ପାଉଛି ମୁଣ୍ଡିଆ**

- ବେଆଇନ ଖଣି ଖନନ ବାଧକ ସାଜିଛି
- ସରକାର ହରାଉଛନ୍ତି ରାଜସ୍ୱ
- ନୀରବଦ୍ରଷ୍ଟା ସାଜିଛି ଖଣି ବିଭାଗ
- ବଣ ପର୍ବତ ଘେରା ନୟାଗଡ ହରାଉଛି ସବୁଜିମା

## କମ୍ପ୍ରେସର, ଟ୍ରାକ୍ଟର ଧରି ବାହାବା

ନୂଆଗାଁ ତହସିଲ ନୟାଗଡ଼ ସଦର ଥାନା ଦୁର୍ଦ୍ଧୁରା ପଞ୍ଚାୟତ ଝରଣା ଗାଁ ନିକଟରେ ପଥର ଖଣିରେ ରବିବାର ଚଢ଼ାଉ କରାଯାଇ ଟ୍ରାକ୍ଟର ସଂଲଗ୍ନ ୧ଟି କମ୍ପ୍ରେସର, ୧ଟି ସ୍ୱଳ୍ପ ମେଣ୍ଟାଲ ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରି ବାହବା ନେଇଛି। ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ତେବେ ଖଣି ବିଭାଗ ଚଢ଼ାଉ ସମୟରେ ପୋଲିସ ନେଇ ନ ଥିବାରୁ କେତେଜଣ ଖଣି ମାଫିଆ ଖଣି ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୋଲିସ ସହାୟତାରେ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଝରଣା ଗାଁ ଖଣି ନୟାଗଡ ଟାଉନ ଥାନାରେ ଯାଉଥିବାବେଳେ ଜବତ ଉପକରଣକୁ ନୟାଗଡ଼ ସଦର ଥାନା ପୋଲିସ ଜିମା ଦିଆଯାଇଛି। ଜିଲାରେ ଚାଲିଥିବା ବେଆଇନ ଖଣି ଉପରେ ଜିଲା ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ଫୋନ ନମ୍ବର ୯୫୫୬୦୪୦୧୩୫କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏ ନେଇ ପରିବେଶବିତ ବିଭୂତି ଭୂଷଣ ଦାଶ, ଅନ୍ତର୍ଯ୍ୟାମୀ ସାହୁ କହିଛନ୍ତି, ନୟାଗଡ଼ ଜିଲାରେ ମୁଣ୍ଡିଆ ଧ୍ୱଂସ ବଢ଼ି ଚାଲିଛି। ବିକାଶ ନାଁରେ ପଥର ମାଫିଆଙ୍କୁ ସହଯୋଗ କରାଯାଉଛି। ସରକାର ଓ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ସେମାନେ କହିଛନ୍ତି।

# ଅସାବଧାନତାରୁ କୂଅରେ ପଡ଼ି ମହିଳା ମୃତ

ଓଡ଼ଗାଁ ୧୯।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଓଡ଼ଗାଁ ଆଦର୍ଶ ଥାନା ବାହାଡାଝୋଲା ଫାଣ୍ଡି ତୋଡିଗାଡିଆ ଗ୍ରାମରେ ଜଣେ ମହିଳା ଅସାବଧାନରୁ କୂଅରେ ପଡ଼ି ଶନିବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ରମେଶ ପ୍ରଧାନଙ୍କ ସ୍ତ୍ରୀ ଅସାବଧାନତାରୁ ପାଳ ନେଇ ଯାଉଥିବା ବେଳେ ଘର ଅଗଣା କୂଅରେ ଖସି ପ୍ରାଣ ହରାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସହ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସେମିକଣ୍ଡକ୍ଟରର ପ୍ରୟୋଗ, ଗବେଷଣା କରି ବୈଜ୍ଞାନିକ ଡ. ହେମନ୍ତ ପ୍ରଶଂସିତ

ଖଣ୍ଡପଡ଼ା,୧୯।୧(ଅଜୟ କୁମାର ମହାରଣା)

ଇଲୋକ୍ଟ୍ରୋନିକ୍ସ କ୍ଷେତ୍ରରେ ସେମିକଣ୍ଡକ୍ଟର ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ସେହିପରି ସେମିକଣ୍ଡକ୍ଟରଗୁଡ଼ିକୁ ଆଧାର କରି ସ୍ମାର୍ଟ ମୋବାଇଲ୍ ଫୋନ୍‌ଠାରୁ ଆରମ୍ଭ କରି ଲାପ୍‌ଟପ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକ କାର୍ଯ୍ୟକ୍ଷମ ହୋଇଥାଏ। ସେମିକଣ୍ଡକ୍ଟର ଜରିଆରେ ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ ସମ୍ଭବ ପର ହେବା ସହ ଅକ୍ଷୟ ସୌରଶକ୍ତିର ସୁବିନିଯୋଗ କ୍ଷେତ୍ରରେ ମଧ୍ୟ ଏଗୁଡ଼ିକର ବହୁଳ ବ୍ୟବହାର ସମଗ୍ର ବିଶ୍ୱ ପାଇଁ ପ୍ରେରଣାଦାୟୀ। ବିଶ୍ୱବିଖ୍ୟାତ ଜ୍ୟୋର୍ତିବିଦ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିବା ବୈଜ୍ଞାନିକ ଡ. ହେମନ୍ତ କୁମାର ରାଉତ ଡ଼ିଜିଟାଲ ଯୁଗରେ ସେମିକଣ୍ଡକ୍ଟରର ପ୍ରୟୋଗ ସହ ସେ ଉପରେ ଅହରହ ଗବେଷଣା ଜାରି ରଖି ଉକ୍ତ ମତ ପ୍ରତିପାଦନ କରିଛନ୍ତି। ସେ ବିଶ୍ୱସ୍ତରରେ ପ୍ରଶଂସିତ ହେବା ସହ ଜନ୍ମମାଟି ଖଣ୍ଡପଡ଼ା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଡ. ରାଉତ ମେକାନିକାଲ ଇଞ୍ଜିନିୟରିଂରେ ପିଏଚ୍‌ଡ଼ି ଡ଼ିଗ୍ରୀ ହାସଲ କରିବା ପରେ ଏବେ ସେ ସୁଦୂର ବେଲ୍‌ଜିୟମ ପ୍ରଦେଶର ଆଇଏମ୍‌ଇସି ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା



ବୈଜ୍ଞାନିକ ଡ. ହେମନ୍ତ କୁମାର ରାଉତଙ୍କୁ ପୁରସ୍କୃତ କରାଯାଉଛି।

ଜଣାପଡ଼ିଛି। ସେମିକଣ୍ଡକ୍ଟରଗୁଡ଼ିକର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ସେ ଉପରେ ଦୀର୍ଘ ୧୦ ବର୍ଷ ଧରି ସେ ଗବେଷଣା ଜାରି ରଖିଥିବା ବେଳେ ଆଗାମୀଦିନରେ ଓଡ଼ିଶା ରାଜ୍ୟରେ ଏହାର ଉତ୍ପାଦନ ନେଇ ଡ. ରାଉତ ଲକ୍ଷ୍ୟ ରଖିଥିବା ମତ ଦେଇଛନ୍ତି। ଓଡ଼ିଶା ରାଜ୍ୟ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ କିଭଳି ସ୍ୱାବଲମ୍ବୀ ହୋଇପାରିବ ଆଗାମୀଦିନରେ ସେ ଦିଗରେ ସେ ଚେଷ୍ଟା ଜାରି ରଖିବେ ବୋଲି ଡ. ରାଉତ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଡ. ରାଉତଙ୍କର ଏଭଳି ମହତ ଉଦ୍ୟମକୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ସୂଚନାଯୋଗ୍ୟ ବୈଜ୍ଞାନିକ ଡ. ରାଉତ ଖଣ୍ଡପଡ଼ା ସହର ୩ନଂ. ୱାର୍ଡ଼ କାଦୁଆସାହିର ବିରଞ୍ଚି ନାରାୟଣ ରାଉତଙ୍କ ପୁତ୍ର ବୋଲି ଜଣାପଡ଼ିଛି।

# ୫୦ ହଜାର ଟଙ୍କା ଛାତ୍ର ସଂସଦକୁ ଦାନ

**ବାହାଡ଼ାଝୋଲା ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ**



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନୂଆଗାଁ, ୧୯।୧ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ବାହାଡ଼ାଝୋଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୬୦ତମ ବାର୍ଷିକ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାହାଡ଼ାଝୋଲା ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ପୁରାତନ ଛାତ୍ର ସଂସଦ ପ୍ରତିଷ୍ଠା କରାଯାଇଛି। ଏହାର ସାମଗ୍ରିକ ବିକାଶ ପାଇଁ ପ୍ରତିବର୍ଷ ବାର୍ଷିକ ଉତ୍ସବ ସହ ବନ୍ଧୁ ମିଳନର ଆୟୋଜନ କରାଯାଇଉଛି। ସେହିକ୍ରମରେ ବାହାଡାଝୋଲା ହାଇସ୍କୁଲ ପରିସରରେ ୬୦ତମ ବାର୍ଷିକ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ବହୁ ପୁରାତନ ଛାତ୍ର ଯୋଗଦେଇ ଉତ୍ସବକୁ ସାଫଲ୍ୟ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ୧୯୭୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରମାନେ ୫୦ ହଜାର ଟଙ୍କା ଛାତ୍ର ସଂସଦକୁ ଦାନ କରିଥିଲେ। ଉକ୍ତ ଟଙ୍କାର ବାର୍ଷିକ ସୁଧରେ ବାହାଡ଼ାଝୋଲା ହାଇସ୍କୁଲର ଅଧିକ ନମ୍ବର ରଖି ଦଶମ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେବାରେ ଖର୍ଚ୍ଚ କରାଯିବ। ସେହିକ୍ରମରେ ଚଳିତବର୍ଷ ନିତେଶ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ବିଜ୍ଞାନରେ ଅଧିକ ନମ୍ବର ରଖିଥିବା ନିତେଶଙ୍କୁ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ସ୍ତରରେ କବିତା ଲିଖନରେ ସୁନାମ ଆଣିଥିବା କାହ୍ନା ପ୍ରଧାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଛାତ୍ର ସଂସଦର ସଭାପତି ଡ. ସୁଶିଲ କୁମାର ମହାପାତ୍ର, ସମ୍ପାଦକ ଲଳିତ ମୋହନ ସାହୁ ସହୟସମ୍ପାଦକ ନାରାୟଣ ବେହେରା ଓ କୋଷାଧ୍ୟକ୍ଷ ଲଳିତ ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଚଳିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଡ. ସୁଶିଲ ମହାପାତ୍ରଙ୍କୁ ଆଜୀବନ ସଭାପତି, ରାଜେନ୍ଦ୍ର ସେନାପତିଙ୍କୁ କାର୍ଯ୍ୟକାରୀ ସଭାପତି, ନାରାୟଣ ବେହେରାଙ୍କୁ ଉପସଭାପତି, ମନୋଜ କୁମାର ସେନାପତିଙ୍କୁ ସାଧାରଣ ସମ୍ପାଦକ , ଗୌରହରି ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ଛାତ୍ର ସଂସଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଗଛରେ ପିଟି ହୋଇ ୨ ବାଇକ ଆରୋହୀ ମୃତ

ଓଡ଼ଗାଁ, ୧୯।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପଥରା ଛକରେ ୨ ବାଇକ୍ ଆରୋହୀ ଗଛରେ ପିଟି ହୋଇ ଶନିବାର ମୃତ୍ୟୁ ଘଟିଛି। ଏନେଇ ଥାନାରେ ମାମଲା ରୁଜୁ ହେବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ସହର ଉପକଣ୍ଠ ବାଜାଡାପିଠା ଗ୍ରାମର ଦୁର୍ଗାମାଧବ ନାଇକ(୩୮) ଓ ଦେବୁ ନାଇକ (୧୮)ବାଇକ୍ ଯୋଗେ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଆମ୍ବ ଗଛରେ ବାଇକ୍ ସହ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉଭୟଙ୍କୁ ମୁମୂର୍ଷୁ ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଉଭୟେ ସମ୍ପର୍କରେ ମାମୁଁ ଭଣଜା ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ନଂ. ଓଡି୨୫ଏଚ୨୬୯୩କୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ଶନିବାର ବନିତା ନାୟକ ଉକ୍ତ ରାସ୍ତାରେ ନିଜ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଯାଉଥିବା ବେଳେ ଖସି ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକ୍ଷ୍ମୀଧର


@ ଦିଲିପ


@ ଓମ୍ପ୍ରକାଶ


@ ଅଶୋକ


@ ପ୍ରସନ୍ନ


@ ଟୁଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟାଇଟଲ୍ ଜିତିଲେ ଶେଖ୍ ତୌଫିକ୍ ଅଲ୍ଲୀ



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ନୟାଗଡ଼,୧୯।୧(ଲୋକନାଥ ମିଶ୍ର)

ନୟାଗଡ଼ରେ ଜିଲାସ୍ତରୀୟ ସଙ୍ଗୀତ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଷ୍ଟାର ଅଫ୍ ନୟାଗଡ଼ର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଶେଖ୍ ତୌଫିକ୍ ଅଲ୍ଲୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଷ୍ଟାର ଅଫ୍ ନୟାଗଡ଼ ସିଜନ୍ ୱାନର ଟାଇଟଲ୍ ଜିତିଛନ୍ତି। ଇପ୍ସିତା ପ୍ରିୟଦର୍ଶିନୀ ଓ ମିଲନ୍ କୁମାର ସ୍ୱାଇଁ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଶୁତୋଷ ବେହେରା ତୃତୀୟ ହୋଇଛନ୍ତି। ଫାଇନାଲ ପ୍ରତିଯୋଗିତାରେ ୧୦ଜଣ ପ୍ରତିଭାବାନ ପ୍ରତିଯୋଗୀ ଇପ୍ସିତା ପ୍ରିୟଦର୍ଶିନୀ, ଶେଖ୍ ତୌଫିକ ଅଲ୍ଲୀ, ଲକ୍ଷ୍ମୀପ୍ରିୟା ନାୟକ, ଅମ୍ରିତା ରଥ, ଆଶୁତୋଷ ବେହେରା, ଜଗନ ବେହେରା, ମିଲନ କୁମାର ସ୍ୱାଇଁ, ଶୁଭସ୍ମିତା ବେହେରା, ଲିପ୍ସାରାଣୀ ପଣ୍ଡା ଓ ଦିବ୍ୟାଶା ପ୍ରିୟଦର୍ଶିନୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବିଚାରକ ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବରିଷ୍ଠ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଯୋଗଦେଇଥିଲେ। ପ୍ରତ୍ୟେକ ପ୍ରତିଯୋଗୀ ୨ଟି ଲେଖାଏ ଗୀତ ଗାଇଥିଲେ। ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ଟ୍ରଫି, ମିମେଣ୍ଟୋ ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲାସ୍ତରୀୟ ସଙ୍ଗୀତ ପ୍ରତିଭା ଚୟନ କାର୍ଯ୍ୟକ୍ରମକୁ ସଂଯୋଜନା ଖବରଦାତା ରାମକୃଷ୍ଣ ରଥ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ ପାଇକରାୟ। କାର୍ଯ୍ୟକ୍ରମକୁ ପ୍ରଦୀପ ବରାଡ, କାଜଲ ଡାକୁଆ, ସୌମ୍ୟ ଶୁଭମ୍ ରଥ, ଆଦିତ୍ୟ ପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଜେତାମାନଙ୍କୁ ଆଗାମୀଦିନରେ ମ୍ୟୁଜିକ୍ ଆଲବମ୍‌ରେ ଗୀତ ଗାଇବାକୁ ସୁଯୋଗ ଦିଆଯିବ ବୋଲି ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ନୀଳମାଧବ ପୀଠରେ ଅସମ୍ଭାଳ ଭିଡ଼

ଖଣ୍ଡପଡ଼ା,୧୯।୧ (ଅଜୟ କୁମାର ମହାରଣା)

ରବିବାର ଅନୁକୂଳ ପାଗ ଯୋଗୁ ରାଜ୍ୟ ତଥା ରାଜ୍ୟ ବାହାରୁ ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ୫୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସି ସେବାୟତଙ୍କ ସହଯୋଗରେ ଶୃଙ୍ଖଳିତ ଦର୍ଶନ କରିଥିବା ଜଣାଯାଇଛି। ସ୍ଥାନୀୟ ଫାଣ୍ଡିରେ କର୍ମଚାରୀଙ୍କ ଅଭାବ ସତ୍ତ୍ୱେ ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ମନ୍ଦିର ପରିସରରେ ଉପସ୍ଥିତ ରହି ପରିସ୍ଥିତିକୁ ନଜରରେ ରଖିଥିଲେ। ଅପରପକ୍ଷରେ ପୂଜକ ସମାଜର କର୍ମକର୍ତ୍ତା ଓ ସମସ୍ତ ସେବାୟତମାନେ ହଜାର ହଜାର ଯାତ୍ରୀଙ୍କୁ ଧାଡ଼ିରେ ଦର୍ଶନ କରିବା ପାଇଁ ବ୍ୟବସ୍ଥା କରିଥିଲେ। ଶ୍ରଦ୍ଧାଳୁ, ଭକ୍ତମାନେ କୌଣସି ସମସ୍ୟାର ସମ୍ମୁଖିନ ନ ହୋଇ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ କରିଥିବା ଜଣାଯାଇଛି। ଅନେକ ଶ୍ରଦ୍ଧାଳୁ ତଥା ବରିଷ୍ଠ ନାଗରିକମାନଙ୍କୁ ପୂଜକ ସମାଜ ପକ୍ଷରୁ ସ୍ୱତନ୍ତ୍ର ଭାବେ ପାରିମାଣିକ ଦର୍ଶନ ବ୍ୟବସ୍ଥା କରାଯାଇ ଠାକୁରଙ୍କୁ ଦର୍ଶନ କରାଇଥିବା ଜଣାଯାଇଛି।


ନୀଳମାଧବ ମନ୍ଦିର ସିଂହଦ୍ୱାରରେ ପର୍ଯ୍ୟଟକଙ୍କ ଭିଡ଼।

ଶ୍ରଦ୍ଧାଳୁମାନେ ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିର ମଧ୍ୟକୁ ପ୍ରବେଶ କରୁଥିବାବେଳେ ଠାକୁରଙ୍କୁ ଦର୍ଶନ କରିବାକୁ ଏକାଠି ୧୫ରୁ୨୦ଜଣଙ୍କୁ ନୀଳମାଧବଙ୍କ ଦର୍ଶନ ପାଇଁ ପ୍ରବେଶ ଦ୍ୱାରରେ ଛଡା ଯାଇଥିଲା। ତେବେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୀଳମାଧବ ମନ୍ଦିର ପରିସରରେ ଲାଗିଥିବା ସମସ୍ତ ସିସି କ୍ୟାମେରା ଅଚଳ ହୋଇ ପଡ଼ିଥିବାରୁ ଏଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ସିସି କ୍ୟାମେରା ଲଗାଇବାର ଆବଶ୍ୟକତା ଥିବା ସାଧାରଣରେ ଦାବି ହେଉଛି। ତେବେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖଣ୍ଡପଡ଼ା ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶ୍ୱତ ତ୍ରିପାଠୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ନୀଳମାଧବ ମନ୍ଦିର ପରିସରରେ ଏକ ପୋଲିସ ଏଡ଼ପୋଷ୍ଟ ହେବାର ନୟାଗଡ଼ ଏସ୍‌ପି ରାହୁଲ ଜୈନ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

- ସେବାୟତଙ୍କ ସହଯୋଗରେ ଶୃଙ୍ଖଳିତ ଦର୍ଶନ କଲେ ଶ୍ରଦ୍ଧାଳୁ
- ଅଚଳ ସିସି କ୍ୟାମେରା ସଚଳ ହେବ କେବେ

